



# ପ୍ରଭୁଙ୍କ ଧରାବତରଣ; ଉତ୍ସବମୁଖର ଚର୍ଚ୍ଚ

କଟକ,୨୫।୧୨(ସମିସ)

ପବିତ୍ର ବଡ଼ଦିନରେ ପ୍ରଭୁ ଯୀଶୁ ଶାନ୍ତି, ଐକ୍ୟ ଓ ପ୍ରେମର ବାର୍ତ୍ତା ନେଇ ଧରାପୃଷ୍ଠରେ ଅବତରଣ କରିଛନ୍ତି। ଏହି ଉପଲକ୍ଷେ ସହରରେ ଥିବା ୧୨ଟି ଚର୍ଚ୍ଚ ହୋଇଛି ଉତ୍ସବମୁଖର। ସହରର ୨ଟି ପ୍ରମୁଖ ଚର୍ଚ୍ଚ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ଏବଂ ହୋଲି ରୋଜାରି କ୍ୟାଥୋଡ୍ରାଲ ଚର୍ଚ୍ଚରେ ସମୂହ ପ୍ରାର୍ଥନା କରାଯାଇଛି। ଶହ ଶହ ଶ୍ରଦ୍ଧାଳୁ ଯଜ୍ଞ, କ୍ୟାରୋଲ ଗାନ ଏବଂ ପ୍ରାର୍ଥନା କରିଛନ୍ତି। ଶ୍ରଦ୍ଧାଳୁମାନେ ଚର୍ଚ୍ଚକୁ ଯାଇ ସମୂହ ପ୍ରାର୍ଥନା କରିବା ସହିତ ନିଜ ନିଜ ଭିତରେ ବଡ଼ଦିନର ଶୁଭେଚ୍ଛା ବାର୍ତ୍ତା ବାଣ୍ଟିଛନ୍ତି। ସହରର ଚର୍ଚ୍ଚଗୁଡ଼ିକ ଆଲୋକମାଳାରେ ଝଲସୁଛି। କ୍ୟାଣ୍ଟନ୍‌ମେଣ୍ଟ ରୋଡ୍‌ସ୍ଥିତ ହୋଲି ରୋଜାରି କ୍ୟାଥୋଡ୍ରାଲ ଚର୍ଚ୍ଚରେ ପ୍ରାୟ ୨ହଜାର ଖ୍ରୀଷ୍ଟ ଧର୍ମାବଲମ୍ବୀ ସମୂହ ପ୍ରାର୍ଥନା କରିଛନ୍ତି। ଏଥି ନିମନ୍ତେ ଚର୍ଚ୍ଚର ସଦସ୍ୟମାନଙ୍କୁ ନେଇ ଗଠିତ ଏକ ଦଳ କ୍ୟାରୋଲ୍ ଗାଇଛନ୍ତି। ଚର୍ଚ୍ଚର ସଦସ୍ୟମାନେ ପ୍ରତି ଖ୍ରୀଷ୍ଟିୟାନ ଭାଇଭଉଣୀଙ୍କ ଘରକୁ ଘର ବୁଲି ବଡ଼ଦିନ ପୂର୍ବରୁ ପ୍ରଭୁ ଶିଶୁ ଯୀଶୁଙ୍କ ମୂର୍ତ୍ତି ପ୍ରଦାନ କରିବା ସହ ଶାନ୍ତି, ପ୍ରେମର ବାର୍ତ୍ତା ଦେଇଛନ୍ତି। ମଧ୍ୟରାତ୍ରରୁ ମହାଉଜାଗର ପର୍ବ ଆରମ୍ଭ ହୋଇଥିଲା। ସୋମବାର ଯଜ୍ଞ, କ୍ୟାରୋଲ ଗାନ ଏବଂ







ପ୍ରାର୍ଥନା କାର୍ଯ୍ୟ ହୋଇଥିଲା। ଅନ୍ୟପକ୍ଷରେ ଓଡ଼ିଆ ବାପ୍ଟିଷ୍ଟ ଚର୍ଚ୍ଚରେ ବଡ଼ଦିନକୁ ମଧ୍ୟ ଧୂମ୍‌ଧାମ୍‌ରେ ପାଳନ କରାଯାଇଛି। ଚର୍ଚ୍ଚକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି। ସକାଳ ୯ଟାରେ ଇଂରାଜୀ, ୧୧ଟାରେ ତେଲୁଗୁ ଏବଂ ଅପରାହ୍ଣ ୨ଟା ୩୦ରେ ଓଡ଼ିଆ ଏବଂ ସନ୍ଧ୍ୟା ୬ଟାରେ ଇଂରାଜୀରେ ପ୍ରାର୍ଥନା କରାଯାଇଛି। ପ୍ରାୟ ୫ହଜାର ଶ୍ରଦ୍ଧାଳୁ ସମୂହ ପ୍ରାର୍ଥନାରେ ଯୋଗଦେଇଥିଲେ।

## କଟକବାସୀଙ୍କ ସୁଖସମୃଦ୍ଧି କାମନାକଲେ ମେୟର

ପବିତ୍ର ବଡ଼ଦିନ ଅବସରରେ ମିଶନ ରୋଡ୍‌ସ୍ଥିତ ୨୦୦ ବର୍ଷ ପୁରାତନ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚକୁ ମେୟର ସୁବାସ ସିଂହ ପରିଦର୍ଶନ କରିଛନ୍ତି। ସେ ଚର୍ଚ୍ଚରେ ପ୍ରଭୁ ଯୀଶୁଙ୍କ ନିକଟରେ କଟକବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ। କଟକ ସହରର ସର୍ବପୁରାତନ ଚର୍ଚ୍ଚ ପରିସରରେ ଖ୍ରୀଷ୍ଟିଆନ ସମାଜର ଶତାଧିକ ଲୋକଙ୍କ ସହ ସମୂହ ପ୍ରାର୍ଥନା କରିବା ସହ ଅନ୍ୟାନ୍ୟ ପ୍ରସଙ୍ଗରେ ମଧ୍ୟ ଚର୍ଚ୍ଚ କମିଟି ସହ ଆଲୋଚନା କରିଥିଲେ। ଏହି ସମୂହ ପ୍ରାର୍ଥନା ସମୟରେ ମେୟର ଶ୍ରୀ ସିଂହଙ୍କ ସହିତ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ କମିଟିର ସଭାପତି ଇଂ. ପ୍ରେମସୁନ୍ଦର ରାଉତ, ସାଧାରଣ ସମ୍ପାଦକ ପ୍ରେମଜିତ ସାବତ, ଯୁଗ୍ମ ସମ୍ପାଦକ ସୂଦୀପ କୁମାର ଦାସ, ସହସମ୍ପାଦକ ସନ୍ଦୀପ କୁମାର ମହାନ୍ତି, କୋଷାଧ୍ୟକ୍ଷ ସୁକୁମାର ରାଉତ, ଉପ କୋଷାଧ୍ୟକ୍ଷ ଆଶିଷ ପ୍ରଧାନ, ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚର ଫାଦର ନିହାର କୁମାର ବର୍ଦ୍ଧନ, ମାଷ୍ଟ୍ରର ରୂପା ସ୍ୱାଇଁ, ଜନ ଆଶିଷ ବରାଳ, ରାଜୀବ ମହାନ୍ତି, ଜଗନ୍ନାଥ ସ୍ୱାଇଁ, ନିଖିଳ କୁମାର, ସ୍ଥାନୀୟ ଖ୍ରୀଷ୍ଟିଆନ ସମାଜର ଶତାଧିକ ଲୋକ ଉପସ୍ଥିତ ଥିଲେ।



ରେଭେନ୍ସା ବିଶ୍ୱବିଦ୍ୟାଳୟ

## ପୂରଣ ହେଉନି ୧୬୩ ଅଧ୍ୟାପକ ପଦ

କଟକ,୨୫।୧୨(ସମିସ)

ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ଅଧ୍ୟାପକ ସଙ୍କଟ ଲାଗି ରହିଛି। ଛାତ୍ରଛାତ୍ରୀଙ୍କ ଅନୁପାତରେ ଅଧ୍ୟାପକଙ୍କ ସଂଖ୍ୟା ଖୁବ୍ କମ୍ ରହିଛି। ୨୩ଟି ବିଭାଗରେ ପ୍ରଫେସର, ଆସୋସିଏଟ୍ ଏବଂ ଆସିଷ୍ଟାଣ୍ଟ ପ୍ରଫେସରକୁ ମିଶାଇ ୨୬୭ଟି ମଞ୍ଜୁରପ୍ରାପ୍ତ ପଦ ଥିବାବେଳେ ଦୀର୍ଘ ୧୩ ବର୍ଷ ଧରି ସବୁ ପଦ ପୂରଣ ହୋଇପାରୁନାହିଁ। ୧୦୪ଟି ପଦ ପୂରଣ ହୋଇଛି। ଏବେ ବି ବିଭିନ୍ନ ବିଭାଗରେ ୧୬୩ଟି ଅଧ୍ୟାପକ ପଦ ଖାଲି ପଡ଼ିଛି। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଉପରେ ଏହାର ପ୍ରଭାବ ପଡୁଛି। ରାଜ୍ୟର ସର୍ବପୁରାତନ ଏବଂ ସର୍ବୋତ୍ତମ ବିଶ୍ୱବିଦ୍ୟାଳୟ ହୋଇଥିଲେ ମଧ୍ୟ ଅତିଥି ଅଧ୍ୟାପକଙ୍କ ଦ୍ୱାରା ପାଠପଢ଼ା ଚାଲୁଛି। ଅନ୍ୟପକ୍ଷରେ ନାକ୍ କର୍ତ୍ତୃପକ୍ଷ ମଧ୍ୟ ଅଧ୍ୟାପକ ନିଯୁକ୍ତି ଉପରେ ପ୍ରଶ୍ନ ଉଠାଇଥିଲେ। ସମସ୍ତ ଖାଲି ପଦ ପୂରଣ ପାଇଁ ପଦକ୍ଷେପ ନେବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି ନାକ୍ ଟିମ୍।

୨୦୦୮ରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେତେବେଳେ ୧୫୩ଟି ସରକାରୀ ମଞ୍ଜୁରପ୍ରାପ୍ତ ଅଧ୍ୟାପକ ପଦ ରହିଥିଲା। ୨୦୧୪ରେ ରାଜ୍ୟ ସରକାରଙ୍କ ଦ୍ୱାରା ଆଉ ୧୧୪ଟି ପଦ ସୃଷ୍ଟି କରାଯାଇ ଏହିଭଳି ଭାବରେ ମୋଟ୍ ୨୬୭ଟି ମଞ୍ଜୁରପ୍ରାପ୍ତ ଅଧ୍ୟାପକ ପଦ ରହିଛି। କିନ୍ତୁ ଏହି ପଦକୁ ସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇପାରି ନାହିଁ। ଇତିହାସ ବିଭାଗରେ ୧୦ଟି ମଞ୍ଜୁରପ୍ରାପ୍ତ ପଦ ରହିଥିବାବେଳେ ମାତ୍ର ୨ ଜଣ ପ୍ରଫେସରଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କର ପାଠପଢ଼ା ଚାଲିଛି। ଆହୁରି ୮ଟି ପଦ ଖାଲି ରହିଛି। ସେହିଭଳି ଭୂଗୋଳ ବିଭାଗରେ ୧୮ଟି ମଞ୍ଜୁରପ୍ରାପ୍ତ ପଦରୁ ୭ଟି ଖାଲି ରହିଥିବାବେଳେ ଜିଓଲୋଜିରେ ୧୪ରୁ ୬ଟି ପଦ ଫାଙ୍କା ରହିଛି। ବଟାନୀରେ ୨୦ରୁ ୧୨, କେମେଷ୍ଟ୍ରିରେ ୨୪ରୁ ୧୮, ଗଣିତରେ ୧୩ରୁ ୧୧, ଓଡ଼ିଆରେ ୮ରୁ ୩, ଦର୍ଶନଶାସ୍ତ୍ରରେ ୮ରୁ ୨, ବାଣିଜ୍ୟରେ ୧୮ରୁ ୧୨, ଅର୍ଥଶାସ୍ତ୍ରରେ ୧୪ରୁ ୫, ଶିକ୍ଷା ବିଭାଗରେ ୧୪ରୁ ୧୦, ଇଂରାଜୀରେ ୧୬ରୁ ୧୧, ହିନ୍ଦୀରେ ୪ରୁ ୨, ରାଜନୀତି ବିଜ୍ଞାନରେ ୧୧ରୁ ୫, ପରିସଂଖ୍ୟାନରେ ୭ରୁ ୨, ଜୁଲୋଜିରେ ୨୦ରୁ ୧୫, କମ୍ପ୍ୟୁଟର ବିଜ୍ଞାନରେ ୩ରୁ ୧, ମନସ୍ତତ୍ତ୍ୱ ବିଭାଗରେ ୧୧ରୁ ୮, ସଂସ୍କୃତରେ ୩ରୁ ୧, ସମାଜଶାସ୍ତ୍ରରେ ୯ରୁ ୪ଟି ପଦ ବର୍ଷ ବର୍ଷ ଧରି ପୂରଣ ହୋଇପାରୁନାହିଁ। ସୂଚନା ଥାଉକି, ଗତ ବର୍ଷ ଓପିଏସ୍‌ସି ପକ୍ଷରୁ ୪୫ ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ମିଳିଥିଲା। ଫଳରେ ଏବେ ୧୦୪ ଜଣ ଅଧ୍ୟାପକ କାର୍ଯ୍ୟ କରୁଛନ୍ତି।



### ୧୩ ବର୍ଷ ପରେ ବି ଅତିଥି ଅଧ୍ୟାପକଙ୍କ ଦ୍ୱାରା ଚାଲିଛି ପାଠପଢ଼ା

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ବଡ଼ଦିନ ଅଭିନନ୍ଦନ କାର୍ଯ୍ୟକ୍ରମ



କଟକ,୨୫।୧୨(ସମିସ)

ପବିତ୍ର ବଡ଼ଦିନ ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ୍ରିମ୍‌ସ ସ୍କୁଲ ଅଫ୍ ଫେସନ ଡିଜାଇନିଂର ଛାତ୍ରଛାତ୍ରୀ ଶିକ୍ଷାନୁଷ୍ଠାନ ପରିସରରେ ଆକର୍ଷଣୀୟ ଭାବେ ପାରମ୍ପରିକ କ୍ରିସ୍ ମାସ୍ ଟ୍ରି ସଜାଇବା ସହ ବିଭିନ୍ନ ଉପହାର ପ୍ରଦାନ କରିଥିଲେ। ଏଥିସହିତ ସାନ୍ତାକ୍ଲଜ୍, ପରୀ ଇତ୍ୟାଦି ବେଶଭୂଷାରେ ସଜ୍ଜିତ ହୋଇ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବଡ଼ଦିନର ଅଭିନନ୍ଦନ ଜଣାଇବା ସହ ସେମାନେ ଶିକ୍ଷାନୁଷ୍ଠାନର ବ୍ରାଣ୍ଡ ଆମ୍ବାସଡର ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଫେସନ ଡିଜାଇନିଂର ଅଧକ୍ଷା, ଅଧ୍ୟାପକଅଧ୍ୟାପିକା ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ୩ ଗୁରୁତର

କଟକ,୨୫।୧୨(ସମିସ): ସଦର ଥାନା ଅନ୍ତର୍ଗତ ବାଲିକୁଦା ନିକଟରେ ଏକ ଅଟୋକୁ ସାମ୍ନାପଟୁ ଆସୁଥିବା ଏକ ଦ୍ରୁତଗାମୀ କାର୍ ଧକ୍କା ଦେବାରୁ ଅଟୋରେ ବସିଥିବା ୨ଜଣ ଯାତ୍ରୀଙ୍କ ସମେତ ଅଟୋ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଅଟୋଟି ବାମ କଡ଼ରେ ଯାଉଥିବା ସମୟରେ ହଠାତ୍ କାର୍‌ଚାଳକ ଜଣକ ଦ୍ରୁତଗତିରେ ଆସି ଧକ୍କା ଦେଇଥିଲା। ଦୁର୍ଘଟଣା ସମୟରେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ହସ୍ପିଟାଲ୍ ପଠାଇଥିଲେ। ଆହତମାନେ ହେଲେ ମାନସ ସେଠୀ, ରଞ୍ଜୁବାଳା ପରିଡ଼ା ଏବଂ ଶିଶୁପୁତ୍ର ସରୋଜ କାନ୍ତ ପରିଡ଼ା। ପୁଲିସ ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମ୍ପଦ ପାଇଁ ଉନ୍ନତ ଜୀବନଶୈଳୀ ଅପରିହାର୍ଯ୍ୟ

କଟକ,୨୫।୧୨(ସମିସ): ଉତ୍ତମ ସ୍ୱାସ୍ଥ୍ୟ, ସୁଖ ଓ ସମ୍ପଦ ପାଇଁ ଉନ୍ନତ ଜୀବନଶୈଳୀ ଅପରିହାର୍ଯ୍ୟ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଏଥି ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ପ୍ରାଚୀ ଶିକ୍ଷା ଫାଉଣ୍ଡେସନ୍ ଆନୁକୂଲ୍ୟରେ ସାରଳା ଭବନଠାରେ ଆୟୋଜିତ ଏକ ସମ୍ମିଳନୀରେ ଯୋଗଦେଇ ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ପ୍ରଜ୍ଞାନନ୍ଦ ଗିରି କହିଲେ ଯେ ଭୋଜନ ଓ ଶୟନ ପ୍ରଭୃତି କ୍ଷେତ୍ରରେ ସଂଯମ ଆଚରଣ କରିପାରିଲେ ଆନନ୍ଦମୟ କୋଷ ବିକଶିତ ହୋଇପାରିବ। ପରମେଶ୍ୱରଙ୍କ ନିକଟରେ ନିଜର ସମସ୍ତ କାର୍ଯ୍ୟ ସମର୍ପଣ କରି ପାରିଲେ ଅପାର ଆନନ୍ଦ ମିଳିପାରିବ ବୋଲି ସେ କହିଥିଲେ। ଡାକ୍ତର ଜୟନ୍ତ ପଣ୍ଡା କହିଲେ, ନିୟମିତ ବ୍ୟାୟାମ ଓ ଯୋଗାସନ ଅଭ୍ୟାସ ଦ୍ୱାରା ଉଚ୍ଚ ରକ୍ତଚାପ, ମଧୁମେହ, ମେଦ ବହୁଳତା ଓ ହୃଦ୍‌ରୋଗ ପ୍ରଭୃତିକୁ ନିୟନ୍ତ୍ରଣ କରାଯାଇ ପାରିବ। ମାନସିକ, ଶାରୀରିକ ଓ ଆଧ୍ୟାତ୍ମିକ ଶକ୍ତିର ବିକାଶ ପାଇଁ ଏହା ଅପରିହାର୍ଯ୍ୟ ବୋଲି ସେ କହିଥିଲେ। ମାନସିକ ରୋଗବିଶେଷଜ୍ଞ ଡାକ୍ତର ନୀଳମାଧବ ରଥ ଓ ଅର୍ଥ ପରାମର୍ଶଦାତା ରାଜୀବଶେଖର ସାହୁ ଏହି ସଭାରେ ଉଦ୍‌ବୋଧନ ଦେଇଥିଲେ। ଫାଉଣ୍ଡେସନ୍‌ର ଅଧକ୍ଷ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଆବାହକ ଡାକ୍ତର ଇନ୍ଦିଭୂଷଣ କରଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡା. କୃପାସିନ୍ଧୁ ପଣ୍ଡା, ବିଧାୟକ ମହମ୍ମଦ ମୋକିମ, ଆବାହକ ମନୋରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ଡଃ ସତ୍ୟ ରାୟ, ଡ. ଶୈଳାଜାନନ୍ଦିନୀ ଜେନା, ଗୀତା ଦାସ, ମମତା ବେବର୍ତ୍ତା ପଟ୍ଟନାୟକ, ଇଂ ପ୍ରଭାକର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଡ. ଚିତ୍ତରଞ୍ଜନ ଷଡ଼ଙ୍ଗୀ ଓ ଡ. ଭାଗ୍ୟଲକ୍ଷ୍ମୀ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




## କ୍ଷୁଦ୍ର ଶିଳ୍ପ ସଂଘର ବାର୍ଷିକ ଅଧିବେଶନ ଓ କର୍ମକର୍ତ୍ତା ନିର୍ବାଚନ

କଟକ,୨୫।୧୨(ସମିସ): ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ସମସ୍ତ ସଭ୍ୟ ଓ ଅନୁବନ୍ଧିତ ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ୨୦୨୩-୨୫ ଦୁଇ ବର୍ଷ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସ୍ମରଜିତ ମହାନ୍ତି, ଉପସଭାପତି ଭାବେ ହିମାଂଶୁ ଶେଖର ମିଶ୍ର, ଅମୀୟ ମହାଳିକ, କେଦାରନାଥ ଦାସ, ଶରତ ପରିଡ଼ା, ବିବେକରାଜ ବାଜପେୟୀ, ରାଜେଶ ମୋଦୀ, ସମ୍ପାଦକ ଭାବେ ସଞ୍ଜୟ କୁମାର ମହାପାତ୍ର, ସହସମ୍ପାଦକ ଭାବେ ଦିପାଂଶୁ ଶେଖର ସାହୁ, ମାନସ ମୋଦୀ, ନବକିଶୋର ସାହୁ, ଆଶିଷ ମହାପାତ୍ର, ରଞ୍ଜିତ ଜେନା, ଉମଙ୍ଗ ଭଓସିଙ୍କା ଓ କୋଷାଧ୍ୟକ୍ଷ ଭାବେ ସଞ୍ଜୟ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି।

## କୁହୁଡ଼ି ପାଇଁ ପାନ ଫସଲ କ୍ଷତିଗ୍ରସ୍ତ

କଟକ,୨୫।୧୨(ସମିସ)

ଜିଲ୍ଲାରେ ପାନ ପତ୍ର ଦର ଆକାଶଛୁଆଁ ହେଉଥିବାବେଳେ ବଜାରରେ ଖିଲିପାନ ଦର ମଧ୍ୟ ସେହି ଅନୁପାତରେ ବଢ଼ିଥିବାର ଜଣାପଡ଼ିଛି। ପାନ ପତ୍ର ମୂଲ୍ୟ ଏବେ



୧ ହଜାର ପତ୍ରର ବିଡ଼ା ପ୍ରତି ୫ ହଜାର ଟଙ୍କାରେ ପହଞ୍ଚିଛି। ଯାହା ଆଗରୁ ମାତ୍ର ୨ହଜାରରୁ ୩ହଜାର ଟଙ୍କାରେ ବିକ୍ରି ହେଉଥିଲା। ବିଶେଷକରି ଏବେ କିଛି ଦିନ ହେବ କୁହୁଡ଼ି ହେଉଥିବାବେଳେ ଏହା ପାନପତ୍ର ପାଇଁ କାଳ ସାଜିଛି। ଜିଲ୍ଲାର ନିଆଳି, କଣ୍ଟାପଡ଼ା, ଅଥଙ୍ଗା ଆଦି ଅଞ୍ଚଳ ପାନ ଫସଲ କୁହୁଡ଼ି ପାଇଁ ନଷ୍ଟ ହେବାରେ ଲାଗିଛି। ଚାଷୀମାନେ ଏଥିପାଇଁ ପ୍ରୋତ୍ସାହନ ରାଶି ଦାବି କରିଆସୁଛନ୍ତି। ଶୀତ ଋତୁରେ ପାନପତ୍ର ଉତ୍ପାଦନ କମୁଥିବାର କୁହନ୍ତି ଚାଷୀ। ଉତ୍ପାଦନ କମ୍ ରହିଥିବାରୁ ଏହା ଏବେ ଚାହିଦା ମେଣ୍ଟାଉନାହିଁ। ଓଏମ୍‌ପି, ଛତ୍ରବଜାର, ଚୌଧୁରୀବଜାର, ଦୋଳମୁଣ୍ଡାଇ ସମେତ ବିଭିନ୍ନ ସ୍ଥାନରେ ଥିବା ଗୋଦାମଗୁଡ଼ିକୁ ପାନପତ୍ର ଆମଦାନୀ ୩୦ରୁ ୪୦ ପ୍ରତିଶତ ହ୍ରାସ ପାଇଛି। ବ୍ୟବସାୟୀଙ୍କ କହିବାନୁସାରେ, କୁହୁଡ଼ି ପାଇଁ ଏଥର ଅଧିକାଂଶ ଅଞ୍ଚଳରେ ପାନ ଫସଲ କ୍ଷତିଗ୍ରସ୍ତ ହୋଇଛି। ଗୋଦାମଗୁଡ଼ିକୁ ପାନପତ୍ର କମ୍ ଆସୁଥିବାର କୁହାଯାଉଛି। ଦୈନନ୍ଦିନ କଟକ ସହରର ଏହି ଗୋଦାମରେ ୫ରୁ ୧୦ ଲକ୍ଷ ଟଙ୍କା ପାନ ବ୍ୟବସାୟ ହୋଇଥାଏ। ଏବେ ଏହା ୪୦ ପ୍ରତିଶତ କମିଥିବାର କୁହାଯାଉଛି। ପାନପତ୍ର ଏକ କଡ଼ା ପ୍ରତି ବର୍ତ୍ତମାନ ୫୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଛି। ଯାହା ମାତ୍ର ୨୦ରୁ ୩୦ ଟଙ୍କା ରହିଥିଲା। ତେବେ ଦୁଇଗୁଣା ପାନପତ୍ର ଦର ବୃଦ୍ଧି ପାଇଁ ଖିଲିପାନ ମଧ୍ୟ ମହଙ୍ଗା ହୋଇଛି। ଖିଲିପାନ ଏବେ ଖଣ୍ଡ ପ୍ରତି ୨ରୁ ୩ ଟଙ୍କାରେ ପହଞ୍ଚିଲାଣି।

## ନାବାଳକ ଛାତ୍ରଙ୍କୁ ବୀଭତ୍ସ ହତ୍ୟା ଘଟଣା | ଅପ୍ରାକୃତିକ ଯୌନ ସମ୍ପର୍କ ଲୁଚାଇବାକୁ ହତ୍ୟା

କଟକ,୨୫।୧୨(ସମିସ)

ସାଲେପୁର ବ୍ଲକ୍ ଜଗତପୁର ଥାନା ଅନ୍ତର୍ଗତ ପୂର୍ବକଚ୍ଛ ଗାଁରେ ଜ୍ୟୋତିପ୍ରକାଶ ବେହେରା(୧୨)ଙ୍କ ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି କମିଶନରେଟ୍ ପୁଲିସ। ଯୋଗେନ୍ଦ୍ର ପଣ୍ଡା(୨୫) ନିଜେ ଜ୍ୟୋତିପ୍ରକାଶଙ୍କୁ ହତ୍ୟାକରି ଫେରାର୍ ହୋଇଯାଇଥିଲା। ଜଗତପୁର ଥାନା ପୁଲିସ ରବିବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଯୋଗେନ୍ଦ୍ରକୁ ପାଗା ଅଞ୍ଚଳରୁ ଗିରଫ କରିଥିବାବେଳେ ସୋମବାର କୋର୍ଟ ଚାଲାଣ କରିଛି। ତା' ନିକଟରୁ ରକ୍ତଭିଜା କବାଟର ପଟା ଓ ଏକ ଧାରୁଆ ଅସ୍ତ୍ର(କଟୁରୀ) ଜବତ କରାଯାଇଛି। ଜେରା ସମୟରେ ଯୋଗେନ୍ଦ୍ର ଏହି ହତ୍ୟାକାଣ୍ଡ ଘଟାଇଥିବା ସ୍ୱୀକାର କରିଛି। ଅପ୍ରାକୃତିକ ଯୌନ ସମ୍ପର୍କ ହିଁ ହତ୍ୟାକାଣ୍ଡର କାରଣ ବୋଲି ଡିସିପି ପିନାକ୍ ମିଶ୍ର କହିଛନ୍ତି। ଏସିପି ଅରୁଣ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆଇଆଇସି ରବୀନ୍ଦ୍ରନାଥ ମେହେର୍ ଘଟଣାର ତଦନ୍ତ କରୁଥିଲେ। ହତ୍ୟାକାଣ୍ଡର ୮ଦିନ ପରେ ହତ୍ୟାକାରୀକୁ ଗିରଫ କରିବାରେ କମିଶନରେଟ୍ ପୁଲିସ ସଫଳ ହୋଇଛି।

ପୂର୍ବକଚ୍ଛ ଗାଁରେ ହତ୍ୟାକାରୀ ଯୋଗେନ୍ଦ୍ରର ଘର। ସେ କୌଣସି କାମଧନ୍ଦା ନ କରି ନିଶାଗ୍ରସ୍ତ ହୋଇ ଗାଁରେ ବୁଲାବୁଲି କରେ। ଗାଁ ପାଖ ଚନ୍ଦନ ପୋଖରୀ ନିକଟରେ ଥିବା ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରତ୍ୟେକ ଦିନ ୪/୫ ଜଣ ନିଶାଗ୍ରସ୍ତ ଯୁବକଙ୍କ ସହିତ ଖଟି ଜମାଇଥାଏ। ଯଦିଓ ସେ ପୂର୍ବରୁ କୌଣସି ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ନ ଥିଲା, ତା'ର କାର୍ଯ୍ୟକଳାପ ସନ୍ଦେହଜନକ ଥିଲା। ଗତ ୧୬ ତାରିଖରେ ଜଗନ୍ନାଥ ବେହେରାଙ୍କ ପୁଅ ଜ୍ୟୋତିପ୍ରକାଶ ଘରେ ଝଗଡ଼ା କରି ଗାଁରେ ବୁଲୁଥିବାବେଳେ ସନ୍ଧ୍ୟା ୫ଟାରେ ଅଭିଯୁକ୍ତ ତାଙ୍କୁ ବିସ୍କୁଟ୍ ଓ ଚକୋଲେଟ୍ ଦେଇ ପାଖରେ ଥିବା ବାତ୍ୟା ଆଶ୍ରୟସ୍ଥଳୀର ଛାତ ଉପରକୁ ଡାକି ନେଇଥିଲା। କାହିଁକି ଘରେ ଝଗଡ଼ା ହେଲା ବୋଲି ପଚାରିବା ସହିତ ଅଭିଯୁକ୍ତ ନାବାଳକ ଜ୍ୟୋତିପ୍ରକାଶଙ୍କୁ ରାତିରେ ବାତ୍ୟା ଆଶ୍ରୟସ୍ଥଳୀରେ ରଖିଥିଲା। ଏପଟେ ଜ୍ୟୋତିପ୍ରକାଶଙ୍କ ଘର ଲୋକ ଖୋଜାଖୋଜି କରୁଥିବାବେଳେ ତାଙ୍କର କୌଣସି ସନ୍ଧାନ ମିଳିପାରି ନ ଥିଲା। ଯୋଗେନ୍ଦ୍ର ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ବାତ୍ୟା ଆଶ୍ରୟସ୍ଥଳୀର ଛାତ ଉପରେ ଲୁଚାଇ ରଖିଥିଲା। ଜ୍ୟୋତିପ୍ରକାଶ ଘରୁ ରାଗିକି ଚାଲି ଆସିଥିବାରୁ ଆଉ ଘରକୁ ଯିବାକୁ ଚାହୁଁ ନ ଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ଯୋଗେନ୍ଦ୍ର ନାବାଳକ ସହିତ ବଳପୂର୍ବକ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜ୍ୟୋତି ଏସବୁ ଘଟଣା ତାଙ୍କ ଘରେ ଜଣାଇବେ ବୋଲି କହିଥିଲେ। ତାଙ୍କୁ ବୁଝାସୁଝା କରିବା ପରେ ମଧ୍ୟ ସେ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ହତ୍ୟା କରିବାକୁ ନିଷ୍ଠୁର ନିଷ୍ପତ୍ତି ନେଇଥିଲା ଅଭିଯୁକ୍ତ ଯୋଗେନ୍ଦ୍ର। ସେ ପାଖରେ ପଡ଼ିଥିବା ଏକ କବାଟ ପଟାରେ ଆକ୍ରମଣ କରିଥିଲା। ଜ୍ୟୋତିପ୍ରକାଶଙ୍କ ମୁଣ୍ଡ ଓ ମୁହଁକୁ ପଟାରେ ବାରମ୍ବାର ଆଘାତ ଦେବା ଯୋଗୁଁ ଘଟଣାସ୍ଥଳରେ ସେ ଅଚେତ ହୋଇପଡ଼ିଥିଲେ। ଏହାପରେ ଯୋଗେନ୍ଦ୍ର ଘରକୁ ଯାଇ ଏକ ଧାରୁଆ ଅସ୍ତ୍ର(କଟୁରୀ) ଆଣି ଜ୍ୟୋତିପ୍ରକାଶଙ୍କ ବେକକୁ ଏକାଧିକ ଥର କାଟି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଟେକି ନେଇ ଚନ୍ଦନ ପୋଖରୀ ପଛପଟ ବିଲରେ ଫୋପାଡ଼ି ଦେଇ ଫେରାର୍ ହୋଇଯାଇଥିଲା।

ପୁଲିସ ପ୍ରାଥମିକ ତଦନ୍ତରେ ସ୍ଥାନୀୟ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଏକ ଭିଡିଓ ଫୁଟେଜ୍‌ରୁ ଜଣେ ଯୁବକ ଭୟଭୀତ ହୋଇ ଗାଁରୁ ଦୌଡ଼ି ପଳାଉଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହାପରେ ପୁଲିସର ସନ୍ଦେହ ଯୋଗେନ୍ଦ୍ର ଉପରେ ବଢ଼ିଥିଲା। ଘଟଣାର ଖୋଳତାଡ଼ କରୁ କରୁ ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳୀରେ ଖଟି କରୁଥିବା କେତେକ ନିଶାଗ୍ରସ୍ତ ଯୁବକଙ୍କୁ ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ଯୋଗେନ୍ଦ୍ର ନାମକ ଜଣେ ଯୁବକ ଫେରାର୍ ଥିବା ପୁଲିସ ଜାଣିବାକୁ ପାଇଥିଲା। ଏହାପରେ ସାଇଣ୍ଟିଫିକ୍ ଟିମ୍ ରିପୋର୍ଟ, ଶବ ବ୍ୟବଚ୍ଛେଦ ରିପୋର୍ଟ ସହିତ ସ୍ପେଶାଲ୍ ସ୍କ୍ୱାଡ୍ ସହଯୋଗରେ ପୁଲିସ ହତ୍ୟାକାରୀ ନିକଟରେ ପହଞ୍ଚିଥିଲା। ଘରୁ ରାଗି ଚାଲି ଆସିଥିବା ଜ୍ୟୋତିପ୍ରକାଶଙ୍କୁ ଏକୁଟିଆ ଦେଖି ଏଭଳି ଅମାନବୀୟ କାଣ୍ଡ ଘଟାଇଥିବା ଜଣାପଡ଼ିଥିଲା।




### ଫେରାର ଥିଲା ହତ୍ୟାକାରୀ ଯୋଗେନ୍ଦ୍ର; ସିସିଟିଭି ଫୁଟେଜ୍‌ରୁ ମିଳିଲା ସୁରାକ୍

### ଚକୋଲେଟ୍ ଓ ବିସ୍କୁଟ୍ ଦେଇ ନାବାଳକକୁ କରିଥିଲା ପ୍ରଲୋଭିତ

### ଘରେ ଜଣାଇଦେବା ଭୟରେ ନାବାଳକର ଗଳା କାଟିଥିଲା ଅଭିଯୁକ୍ତ



## ଏସ୍‌ସିବି ହାର୍ଟ ଫେଲୁଅର କ୍ଲିନିକ୍‌କୁ ବର୍ଷେ ପୂରିବ

# ଆରମ୍ଭ ହୋଇପାରିନି ପ୍ରତିରୋପଣ




କଟକ,୨୫ା୧୨(ସମିସ): ଗତବର୍ଷ ଡିସେମ୍ବର ୨୯ରେ ଏସ୍‌ସିବି ମେଡିକାଲରେ ହାର୍ଟ ଫେଲୁଅର କ୍ଲିନିକ୍ ଖୋଲିଥିଲା। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ଉକ୍ତ କ୍ଲିନିକ୍ କାର୍ଯ୍ୟକ୍ଷମ ହୋଇଥିଲା। ପ୍ରତି ଗୁରୁବାରରେ ହୃଦ୍‌ରୋଗୀମାନେ ନାମ ପଞ୍ଜୀକରଣ କରିଥିଲେ। ଏହି ଆଧାରରେ ଏଠାରେ ହୃତ୍‌ପିଣ୍ଡ ପ୍ରତିରୋପଣ କରାଯିବ ବୋଲି ଏସ୍‌ସିବି କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ହାର୍ଟ ଫେଲୁଅର କ୍ଲିନିକ୍ ଖୋଲାଯିବାକୁ ଏକ ବର୍ଷ ପୂରଣ ହେବାକୁ ଯାଉଥିବାବେଳେ ଏ ପର୍ଯ୍ୟନ୍ତ ଏଠାରେ ହୃତ୍‌ପିଣ୍ଡ ପ୍ରତିରୋପଣ ଆରମ୍ଭ ହୋଇପାରୁନାହିଁ। ଭିତ୍ତିଭୂମି ଥାଇ ସୁଦ୍ଧା ଏସ୍‌ସିବିରେ କାହିଁକି ହୃତ୍‌ପିଣ୍ଡ ପ୍ରତିରୋପଣ ହୋଇପାରୁନି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ମତାମତ ନିମନ୍ତେ ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଫୋନ୍ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିନାହିଁ।

ରାଜ୍ୟ ସରକାରଙ୍କ ଡିରେକ୍ଟୋରେଟ୍ ଅଫ୍ ମେଡିକାଲ ଏଜୁକେସନ ଆଣ୍ଡ ଟ୍ରେନିଂ(ଡିଏମ୍‌ଇଟି) ପକ୍ଷରୁ ଏସ୍‌ସିବିରେ ହୃତ୍‌ପିଣ୍ଡ ପ୍ରତିରୋପଣ ଆରମ୍ଭ ପାଇଁ ଅନୁମତି ମିଳିସାରିଛି। ଗତବର୍ଷ ଜାନୁଆରୀରେ ଡିଏମ୍‌ଇଟିଙ୍କ କାର୍ଯ୍ୟାଳୟରୁ ଏସ୍‌ସିବି ମେଡିକାଲର ଡିନ୍ ତଥା ଅଧ୍ୟକ୍ଷ ପ୍ରଫେସର ଡା. ପ୍ରସେନ୍‌ଜିତ ମହାନ୍ତିଙ୍କୁ ଏକ ଚିଠି(ନଂ-୬୦୮୨) ଆସିଥିଲା। ହୃତ୍‌ପିଣ୍ଡ ପ୍ରତିରୋପଣ ଆରମ୍ଭ ପାଇଁ ସବୁଜ ସଙ୍କେତ ମିଳିଥିଲା। ପରେ ଡିଏମ୍‌ଇଟି କାର୍ଯ୍ୟାଳୟର ଏକ ଟିମ୍ ଏସ୍‌ସିବି ମେଡିକାଲ ଆସି କାର୍ଡିଓ ଥୋରାସିସ୍ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ୍) ବିଭାଗରେ ଭିତ୍ତିଭୂମି ଯାଞ୍ଚ କରି ଫେରିଥିଲେ। ହୃତ୍‌ପିଣ୍ଡ ପ୍ରତିରୋପଣ ୟୁନିଟ୍ ଖୋଲିବା ପାଇଁ ସମସ୍ତ ବାଟ ଉନ୍ମୁକ୍ତ ହୋଇଥିଲା। ହାର୍ଟ ଫେଲୁଅର କ୍ଲିନିକ୍ କାର୍ଯ୍ୟକ୍ଷମ ହେବା ପରେ ପ୍ରତିରୋପଣ କ୍ଷେତ୍ରରେ ପଦକ୍ଷେପ ଅଗ୍ରଗତି କରିବ ବୋଲି ଆଶା ରହିଥିଲା। ହେଲେ ଏପର୍ଯ୍ୟନ୍ତ ଉକ୍ତ ଯୋଜନା ଫଳପ୍ରଦ ହୋଇପାରିନାହିଁ। ପ୍ରକାଶ ଯେ, କେବଳ ଉନ୍ନତ ଭିତ୍ତିଭୂମି ନୁହେଁ, ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ମଧ୍ୟ ଏସ୍‌ସିବି ମେଡିକାଲ ବିଶ୍ୱସ୍ତରୀୟ ହେବାକୁ ଯାଉଛି। ରାଜ୍ୟର ଏହି ସର୍ବବୃହତ୍ ହସ୍ପିଟାଲକୁ ଏମ୍ସ ପ୍ଲସ୍ ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଭାରତର ପ୍ରଥମ ସରକାରୀ ହସ୍ପିଟାଲ ଭାବେ ଏଠାରେ ଏକ୍‌ମୋ ୟୁନିଟ୍ କାର୍ଯ୍ୟ କରୁଛି। ସିଟିଭିଏସ୍ ବିଭାଗ ଅଧୀନରେ ଥିବା ଏହି ୟୁନିଟ୍‌ରେ ୯ଟି ଏକ୍‌ମୋ ମେସିନ ସଂସ୍ଥାପିତ ହୋଇଛି। ସିଟିଭିଏସ୍ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ଶହଶହ ହୃଦ୍‌ରୋଗୀଙ୍କର ଓପନ୍ ହାର୍ଟ ସର୍ଜରୀ କରାଯାଇଛି। ଜନୈକ ବରିଷ୍ଠ ଡାକ୍ତରଙ୍କ କହିବା ମୁତାବକ, ଓପନ ହାର୍ଟ ସର୍ଜରୀ ଓ କରୋନାରୀ ଆର୍ଟେରୀ ବାଇପାସ୍ ସର୍ଜରୀ(ସିଏବିଜି) ଯେଉଁଠାରେ କରାଯାଉଥିବ ସେଠାରେ ହାର୍ଟ ଟ୍ରାନ୍ସପ୍ଲାଣ୍ଟ ୟୁନିଟ କାର୍ଯ୍ୟ କରିବା ସମ୍ଭବପର। ଏହି ଦୃଷ୍ଟିରୁ ଏସ୍‌ସିବି ମେଡିକାଲରେ ଉକ୍ତ ୟୁନିଟ ଖୋଲିବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି।

## ନିଆରା ଢଙ୍ଗରେ ତୁଳସୀପୂଜନ

କଟକ,୨୫ା୧୨(ସମିସ): ସମଗ୍ର ଦେଶ ସୋମବାର ବଡ଼ ଦିନ ପାଳନ କରୁଥିବାବେଳେ କଟକ ସହରର ରାଣୀହାଟ ଶଗଡ଼ିଆ ସାହି ତ୍ରିନାଥ ମନ୍ଦିର ତରଫରୁ ନିଆରା ଢଙ୍ଗରେ ତୁଳସୀପୂଜନ ଦିବସ ପାଳନ କରାଯାଇଛି। ଶତାୟୁ ତଥା ନିକଟତର ବର୍ଷୀୟ ବୃଦ୍ଧାମାନଙ୍କ ସହିତ ତ୍ରିନାଥ ମନ୍ଦିରର ପରିଚାଳନା କମିଟି ସଦସ୍ୟମାନେ ତୁଳସୀପୂଜନ କରିଥିଲେ। ଆୟୋଜକମାନେ ବୃଦ୍ଧାମାନଙ୍କୁ ନୂତନ ପୋଷାକ ପରିଧାନ କରି ତୁଳସୀ ଚାରା ପ୍ରଦାନ କରି ମାତୃ ପୂଜନ କରିଥିଲେ। ତୁଳସୀ ମା'ଙ୍କ ମହିମା, ମାହାତ୍ମ୍ୟ ଓ ଉପକାରିତାର ପ୍ରଚାରପ୍ରସାର କରିବା ସହିତ ଯୁବପିଢ଼ିଙ୍କୁ ସଠିକ୍ ମାର୍ଗଦର୍ଶନ କରିବା ନିମନ୍ତେ ଏକ ଛୋଟିଆ ପ୍ରୟାସ କରିଛନ୍ତି ରାଣୀହାଟ ଶଗଡ଼ିଆ ସହି ତ୍ରିନାଥ ମନ୍ଦିରର ପରିଚାଳନା କମିଟିର ସଦସ୍ୟମାନେ। କେବଳ ଏତିକି ନୁହେଁ ରାସ୍ତାରେ ଯାଉଥିବା ପଥିକ ଓ ଆଖପାଖରେ ଥିବା ଘରକୁ ଯାଇ ତୁଳସୀ ଚାରା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଜୟ ରାଉତରାୟ ପରିଚାଳନା କରିଥିଲେ।

## ସଂଗ୍ରାମୀ ଦ୍ୱାରିକାମୋହନ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା



କଟକ,୨୫ା୧୨(ସମିସ): ସୁନାମଧନ୍ୟ ଲେଖକ ଓ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ଦ୍ୱାରିକାମୋହନ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମୀ ଦ୍ୱାରିକାମୋହନ ମିଶ୍ର ସ୍ମୃତି ସଂସଦ ପକ୍ଷରୁ ସ୍ଥାନୀୟ ଜୟପ୍ରକାଶ ନାରାୟଣ ପାର୍କ ଫାଟକ ସମ୍ମୁଖରେ ଆୟୋଜିତ ସଭାରେ ପୂର୍ବତନ ଆଇଜି ଓ ବିଶିଷ୍ଟ ସାହିତ୍ୟିକ ରାଜକିଶୋର ଦାଶ ସଭାପତିତ୍ୱ କରିଥିଲେ। ରୋଟାରିଆନ ବିକ୍ରମ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି ସଂସଦର ମହାସଚିବ ପ୍ରଫେସର ଡ. ଜ୍ଞାନଗୁରୁ ଦାସ ଶ୍ରଦ୍ଧାଞ୍ଜଳି ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଶିଳ୍ପୀ ରବି ରଥ ଓ ରେଭେନ୍ସା କଲେଜର ପୂର୍ବତନ ସଭାପତି ତପନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଦ୍ୱାରିକାବାବୁଙ୍କ ମହାନତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବାମପନ୍ଥୀ ନେତା ଅମରେନ୍ଦ୍ର ମହାନ୍ତିଙ୍କୁ ଚଳିତବର୍ଷର ସର୍ବୋଚ୍ଚ ସମ୍ମାନ ସଂଗ୍ରାମୀ ଦ୍ୱାରିକାମୋହନ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବୀ ବିଶ୍ୱପ୍ରକାଶ ଦାଶ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସର୍ବଶ୍ରୀ ପ୍ରଦୀପ ଦାସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ନେତା ଗଜେନ୍ଦ୍ରନାଥ ସାହୁ, ଆଡ୍‌ଭୋକେଟ ମହେନ୍ଦ୍ର କୁମାର ମହାପାତ୍ର, ଲିସାର ସଂଯୋଜକ ଆଡ୍‌ଭୋକେଟ ଗଦାଧର ସାହୁ, ଯୁବନେତା ପ୍ରତାପ କୁମାର ନାୟକ, ଶ୍ରମିକ ନେତା ବିଜୟ ଓଝା, ଯୁବନେତା ମୁକେଶ କୁମାର ମିଶ୍ର, ପ୍ରଫେସର ଅନନ୍ତ ଚରଣ ନାୟକ, ପଣ୍ଡିତ ନିରାକାର ପଣ୍ଡା, ଭ୍ରମରବର ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଅଶୋକ କୁମାର ସେନାପତି ଧନ୍ୟବାଦ ଦେଇଥିଲେ।

## ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନମଣ୍ଡଳୀର ନୂତନ ପଦାଧିକାରୀ

କଟକ,୨୫ା୧୨(ସମିସ): ଚାନ୍ଦିନୀଚୌକ ବ୍ରାହ୍ମଣସାହି ନଦୀୟା ସଂକୀର୍ତ୍ତନମଣ୍ଡଳୀର ନୂତନ ପଦାଧିକାରୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ଅଭିରାମ ମଠ ପ୍ରାଙ୍ଗଣରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିର ଅଧିକାରୀ ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ବ୍ରାହ୍ମଣସାହି ସଂକୀର୍ତ୍ତନମଣ୍ଡଳୀର ମୁଖ୍ୟ ପୃଷ୍ଠପୋଷକ ଭାବେ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ଅଧ୍ୟକ୍ଷ ବୀରେନ୍ଦ୍ର ପ୍ରତାପ ସ୍ୱାଇଁ, ମହନ୍ତ ଭିକାରୀ ଦାସ, ଅଧିକାରୀ ପ୍ରଦ୍ୟୁମ୍ନ ରାଓ, କଟୁଆଳ ଗୋପାଳ ମହାରଣା ଏବଂ ପରିଚାଳନା କମିଟି ସଦସ୍ୟ ଅସିତ କୁମାର ମହାନ୍ତି, ଗଣେଶ୍ୱର ମହାରଣା, ସଞ୍ଜୟ ମହାନ୍ତି, ଲଲାଟେନ୍ଦୁ ପଟ୍ଟନାୟକ, ସଞ୍ଜୀବ କୁମାର ଜୀ, ଦିଲ୍ଲୀପ କୁମାର ବେହେରା, ସଂଗ୍ରାମ ସିଂହ, ପ୍ରଫୁଲ୍ଲ ଚନ୍ଦ୍ର ରାଓ, କମଲେଶ ମହାରଣା, କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡା, ସହକୋଷାଧ୍ୟକ୍ଷ ଭାବେ ଜିତେନ୍ଦ୍ର ମହାରଣା ପ୍ରମୁଖ ମନୋନୀତ ହୋଇଛନ୍ତି। ସମସ୍ତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କଟୁଆଳ ଗୋପାଳ ମହାରଣା ଧନ୍ୟବାଦ ଦେଇଥିଲେ।

## ଗ୍ରାହକ ପଞ୍ଚାୟତ କଟକ ଶାଖା ପକ୍ଷରୁ ଗ୍ରାହକ ଦିବସ ପାଳିତ

କଟକ,୨୫ା୧୨(ସମିସ): ଗ୍ରାହକ ପଞ୍ଚାୟତ କଟକ ଶାଖା ତରଫରୁ ତୁଳସୀପୁର ପୁଲିସ୍ ହାଇସ୍କୁଲଠାରେ ଜାତୀୟ ଗ୍ରାହକ ଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ଗ୍ରାହକ ପଞ୍ଚାୟତ କଟକ ଶାଖାର ସଭାପତି ରମେଶ ଚନ୍ଦ୍ର ସାହାଣୀ ସଭାପତିତ୍ୱ କରିଥିଲେ। ଆଶୁତୋଷ ନାରାୟଣ ବେହେରା ଅତିଥି ପରିଚୟ ଦେଇଥିଲେ। ପ୍ରକାଶ ଚନ୍ଦ୍ର ମହାରଣା ଗ୍ରାହକ ପଞ୍ଚାୟତର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ବକ୍ତା ଭାବେ ଗ୍ରାହକ ପଞ୍ଚାୟତ ଓଡ଼ିଶାର ରାଜ୍ୟ ସାଧାରଣ ସମ୍ପାଦକ ବିଶ୍ୱଜିତ୍ କେଶରୀ ବିଶ୍ୱାଳ ଗ୍ରାହକର ଅଧିକାର ପ୍ରତି ସଚେତନ ରହି ଉତ୍ପାଦନର ପ୍ରସ୍ତୁତି ତାରିଖ ବିଷୟରେ ଅବଗତ ହୋଇ ଗ୍ୟାରେଣ୍ଟି ଏବଂ ୱାରେଣ୍ଟି ପ୍ରତି ସଚେତନ ରହିଲେ ଗ୍ରାହକ ଶୋଷଣରୁ ମୁକ୍ତି ପାଇପାରିବ ବୋଲି କହିବା ସହ କିପରି ଜଣେ ବ୍ୟକ୍ତି ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜଣେ ଜଣେ ଗ୍ରାହକ ତାହା ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ଓଡ଼ିଶା କଞ୍ଜୁମର ରିଡ୍ରେସାଲ ଫୋରମ୍‌ର ସଭାପତି ଦିଲ୍ଲୀପ ମହାପାତ୍ର ବର୍ତ୍ତମାନ ଡିଜିଟାଲ ସେବା, ବିଭିନ୍ନ ଆପ୍ ମାଧ୍ୟମରେ ବ୍ୟବସାୟ ସମ୍ବନ୍ଧରେ ସଚେତନତା, ଖାଉଟି ଏକତ୍ରୀକରଣ ପାଇଁ ବିଶେଷ ପଦକ୍ଷେପ ନେବା ପାଇଁ କହିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି ପୂର୍ବତନ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଡ. ମିହିର ରଞ୍ଜନ ସେଠୀ ଉପସ୍ଥିତ ରହି ଗ୍ରାହକ ସଚେତନତା ଦିବସର ସ୍ୱୀକୃତି, ଉତ୍ପାଦନର ମାନ ସମ୍ବନ୍ଧରେ ଧାରଣା ଦେଇଥିଲେ। ଅତିରଞ୍ଜିତ ବିଜ୍ଞାପନରୁ ନିବୃତ ରହି ସଠିକ୍ ଉତ୍ପାଦନକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ବ୍ୟଙ୍ଗ କବି ଜ୍ଞାନ ହୋତା ସମ୍ମାନିତ ଅତିଥିଭାବେ ବ୍ୟଙ୍ଗ କବିତା ମାଧ୍ୟମରେ ଦ୍ରବ୍ୟ ଓ ସେବାର ଠକେଇ ସମ୍ବନ୍ଧରେ ସଚେତନ କରାଇଥିଲେ। ଉକ୍ତ ସଭାର ମୁଖ୍ୟଅତିଥି ମେୟର ସୁବାସ ସିଂହ ବାଲିଯାତ୍ରାରେ ଅସାଧୁ ବ୍ୟବସାୟୀଙ୍କୁ କିଭଳି ଦଣ୍ଡିତ କରାଯାଇଥିଲା ତାହା ବର୍ଣ୍ଣନା କରିଥିଲେ।

## ନିଃଶୁଳ୍କ ମେଗା ସ୍ୱାସ୍ଥ୍ୟସେବା ଶିବିର

କଟକ,୨୫ା୧୨(ସମିସ): ଜୟ ଜଗନ୍ନାଥ ସେବା ସମିତି ପକ୍ଷରୁ କଟକ ଜିଲ୍ଲା କିଶୋର ନଗର ରଟିଲୋ ମହାନଦୀ ମହାବିଦ୍ୟାଳୟ ପରିସରରେ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବିଭିନ୍ନ ବିଭାଗର ଚିକିତ୍ସା ବିଶେଷଜ୍ଞ ଯୋଗଦେଇ ହଜାରେରୁ ଉର୍ଦ୍ଧ୍ୱ ଲୋକଙ୍କ ଚିକିତ୍ସା କରିଥିଲେ। ଅର୍ଥୋପେଡିକ୍, ନିରୋଲୋଜି, ଗ୍ୟାଷ୍ଟ୍ରୋଲୋଜି, ଚର୍ମ, ମେଡିସିନ, ଆଣ୍ଠୁ ଗଣ୍ଠି, ଦାନ୍ତ, ମହିଳା ଓ ଶିଶୁ ସହ ସମସ୍ତ ବିଭାଗର ଚିକିତ୍ସା ବିଶେଷଜ୍ଞ ଉପସ୍ଥିତ ଥିଲେ। ମଧୁମେହ, ଜ୍ୱର ଆଦି ରୋଗର ରକ୍ତ ନମୁନା ସଂଗ୍ରହ କରାଯିବା ସହିତ ଇସିଜି ଭିଳି ଚିକିତ୍ସା କରାଯାଇଥିଲା। ରୋଗୀମାନେ ହୋମିଓପାଥି, ଆୟୁର୍ବେଦିକ, ଫିଜିଓଥେରାପି ଓ ଆଖି ବିଭାଗ ଭଳି ବିଭାଗ ମଧ୍ୟ ମେଗା ସ୍ୱାସ୍ଥ୍ୟମେଳାରେ ସାମିଲ୍ କରାଇବା ସହ ପୁରୁଣା ପୋଷାକ ଓ ଶୀତକାଳୀନ ବସ୍ତ୍ର ବଣ୍ଟନ କରାଯାଇଥିଲା। ଯାହାଫଳରେ ବହୁ ସଂଖ୍ୟାକ ରୋଗୀ ଆସି ନିଃଶୁଳ୍କ ଚିକିତ୍ସାସେବା ପାଇପାରିଥିଲେ। ଡାକ୍ତର ଉମେଶ ରାୟ, ଡାକ୍ତର ସତ୍ୟବ୍ରତ ସାହୁ, ଡାକ୍ତର ମାନସୀ ମହାପାତ୍ର, ଡାକ୍ତର ଅମରେଶ ପ୍ରସାଦ ମହାପାତ୍ର, ଡାକ୍ତର ସୁଧାକର ଚୌଧୁରୀ, ଡାକ୍ତର ଚଣ୍ଡୀ ପ୍ରସାଦ ନାୟକ, ଡାକ୍ତର ଦୁର୍ଗା ପ୍ରସାଦ ନାୟକ, ଡାକ୍ତର ଅଭିଜିତ୍, ଡାକ୍ତର ଆକାଶଙ୍କ ସହଯୋଗରେ ସହ ସମ୍ପାଦକ ଶଶାଙ୍କ ଶେଖର ଦାଶ, ସଭାପତି ମନୋଜ ପଣ୍ଡା ସମସ୍ତ କାର୍ଯ୍ୟ ତୁଲାଇଥିଲେ।




### ■ ଯୋଗାଣ ଅଧିକାରୀ ଓ ପରିବହନ ଠିକାଦାରଙ୍କ ଅସାଧୁ ମେଣ୍ଟ

## ଶୋଷଣ ହେଉଛନ୍ତି ଖୁଚୁରା ବିକ୍ରେତା



କଟକ,୨୫ା୧୨(ସମିସ): କଟକ ମହାନଗର ଅଞ୍ଚଳରେ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପରିବହନ ଠିକାଦାରମାନେ କ୍ରମାଗତ ଭାବେ ଧାର୍ଯ୍ୟ ଓଜନଠାରୁ କମ୍ ପରିମାଣର ସାମଗ୍ରୀ ପହଞ୍ଚାଣ କରି ଆସୁଥିଲେ। ଏ ସମ୍ପର୍କରେ ଖୁଚୁରା ବିକ୍ରେତାମାନେ ବାରମ୍ବାର ଅଭିଯୋଗ କରିବା ପରେ କଟକ ରିଟେଲ୍ ଡିଲର୍ସ ଆସୋସିଏସନ୍ ପକ୍ଷରୁ ବିଭିନ୍ନ ସମୟରେ କଟକ ଜିଲ୍ଲାର ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିଲା। ଯୋଗାଣ ବିଭାଗ ଅଫିସରଙ୍କ ସହାୟତାରେ ଏହି କାରବାର ହେଉଥିବାର ଆସୋସିଏନସନ ପକ୍ଷରୁ କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ସୋମବାର କଟକ ରିଟେଲ୍ ଡିଲର୍ସ ଆସୋସିଏସନ୍‌ର କର୍ମକର୍ତ୍ତା କଟକ ଯୋବ୍ରା ଅଞ୍ଚଳର ଜନୈକ ଖୁଚୁରା ବିକ୍ରେତାଙ୍କ ନିକଟରେ ପରିବହନ ଠିକାଦାର ଦ୍ୱାରା ପ୍ରେରଣ ହୋଇଥିବା ସାମଗ୍ରୀ ତନଖି କରିବାରୁ ପ୍ରତ୍ୟେକ ବସ୍ତାରେ ଧାର୍ଯ୍ୟ ଓଜନଠାରୁ କମ୍ ପରିମାଣର ସାମଗ୍ରୀ ରହିଥିବା ଦେଖିବାକୁ ମିଳିଥିଲା।

ଏଠାରେ ସୂଚନାଯୋଗ୍ୟ, ପ୍ରତ୍ୟେକ ଚାଉଳ ବସ୍ତାର ଓଜନ ୫୦ କିଲୋ ୬୩୦ ଗ୍ରାମ୍ ହେବା ସ୍ଥାନରେ କୌଣସି ଗୋଟିଏ ବସ୍ତା ମଧ୍ୟ ଧାର୍ଯ୍ୟ ପରିମାଣର ଓଜନ ଦେଖିବାକୁ ମିଳି ନ ଥିଲା। କେଉଁ ବସ୍ତାରେ ୪୯ କିଲୋ ତ କେଉଁ ବସ୍ତାରେ ୫୦ କିଲୋ ୫ଶହ ହୋଇଥିଲା। ଅର୍ଥାତ୍ ଗୋଟିଏ ଟ୍ରକ୍‌ରେ ୩ରୁ ୪ କ୍ୱିଣ୍ଟାଲ ପର୍ଯ୍ୟନ୍ତ କମ୍ ପରିମାଣରେ ଚାଉଳ ଦିଆଯାଉଛି। ସୋମବାର ସରକାରୀ ଛୁଟି ଦିନ ହୋଇଥିବାରୁ ବିଭାଗର କୌଣସି ଅଧିକାରୀ ମିଳି ନ ଥିଲେ। ମଙ୍ଗଳବାର ଏ ସମ୍ପର୍କରେ ଯୋଗାଣ ପ୍ରଶାସନକୁ ଅବଗତ କରାଯିବ ବୋଲି କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ସୟଦ ଏକ୍ରାମ ହୁସେନ ସୂଚନା ଦେଇଛନ୍ତି। ଏହି ତନଖି ସମୟରେ କଟକ ରିଟେଲ ଡିଲର୍ସ ଆସୋସିଏସନ୍‌ର ଉପସଭାପତି ତାପସ କୁମାର ମହାନ୍ତି, ସହସମ୍ପାଦକ ବିଜୟ କୁମାର ସାହୁ, ପ୍ରେମ୍ କୁମାର ସେନ୍, ଅଶୋକ ହାଲ୍‌ଦାର, ବିଜନ କୁମାର ସାହୁ, ପ୍ରଶାନ୍ତ ଜେନା, ଗଗନ ମହାନ୍ତି, ଶିବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କଟକ ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୪୦ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ



କଟକ,୨୫ା୧୨(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ରବିବାର ନୂଆବଜାର ସ୍ଥିତ ନେହେରୁ ଉଚ୍ଚ ବିଦ୍ୟାପୀଠଠାରେ ୪୦ତମ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟସ୍ତରର ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂହ ଉଦ୍‌ଘାଟକଭାବେ ଯୋଗ ଦେଇଥିବାବେଳେ ଓଷ୍ଟାର ରାଜ୍ୟ କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଯୁଗ ପ୍ରଭା ସାବତ, ତାପସ ରଞ୍ଜନ ସାମନ୍ତରାୟ, ଲକ୍ଷ୍ମୀଧର ସାହୁ, ପ୍ରଣବ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାବଗ୍ରାହି ମହାପାତ୍ର ସଭାପତିତ୍ୱ କରିଥିଲେ। ହିରଣ୍ୟମୟୀ ସାମଲ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରେନ୍ଦ୍ର କୁମାର ନନ୍ଦ ପରିଚାଳନା କରିଥିଲେ।

## ରାଧାମାଧବ ସେବା ସମିତି ଓ ଗୋ-ମାନବ ସେବା ଆଶ୍ରମର ନୂତନ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୨୫ା୧୨(ସମିସ): ତିନିଘରିଆ ଗୋପିନାଥ ଲେନ୍ ସ୍ଥିତ ରାଧାମାଧବ ସେବା ସମିତି ଓ ଗୋ-ମାନବ ସେବା ଆଶ୍ରମ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଗୋ-ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରାକେଶ କୁମାର ସ୍ୱାଇଁ, ସାମାଜିକ କର୍ମୀ ସୁକାନ୍ତି ସେଠୀ, ସମାଜସେବୀ ରାଜଲକ୍ଷ୍ମୀ ଖୁଣ୍ଟିଆ, ଉତ୍କଳ ବିକାଶ ପରିଷଦ ସଭାପତି ପ୍ରକାଶ ସେଠୀ, ନିର୍ମଳ ସ୍ୱାଇଁ, ଗୋ-ସେବକ ବିଭୁ ମହେଶ, ସଭାପତି ବିପିନ ବିହାରୀ ପଶାୟତ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ତରୋତ୍ତର ବିକାଶ କାମନା କରିଥିଲେ। ଗୋ-ସୁରକ୍ଷା ନିମନ୍ତେ ସଚେତନତା ଶୋଭାଯାତ୍ରା ଗୋପିନାଥ ଲେନ୍‌ଠାରୁ ବାହାରି ନଗର ପରିକ୍ରମା କରି ଅଲେଖ ମହିମା ଟୁଙ୍ଗୀଠାରେ ପହଞ୍ଚିଥିଲା। ଅନୁଷ୍ଠାନର ସମ୍ପାଦକ ରବିନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନ ଓ ସଭାପତି ମାନସ ବସ୍ତିଆଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୂଆ ବର୍ଷ ପାଇଁ ଡାଏରୀ ଓ କ୍ୟାଲେଣ୍ଡରର ପସରା

କଟକ,୨୫ା୧୨(ସମିସ): ସମ୍ପ୍ରତି ଇଲେକ୍ଟ୍ରୋନିକ୍ ଯୁଗରେ ଏବେ ବି ଡାଏରୀର ଚାହିଦା ରହିଛି। ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ଲୋକେ ଡାଏରୀ ଓ କ୍ୟାଲେଣ୍ଡର ଆଦିକୁ ଉପହାର ଆକାରରେ ପ୍ରଦାନ ପାଇଁ ଅଧିକ ଆଗ୍ରହ ପ୍ରକାଶ କରିଥାନ୍ତି। ଆଉ ଦିନ କେଇଟା ପରେ ନୂତନ ବର୍ଷ-୨୦୨୪ ପଦାର୍ପଣ କରିବାକୁ ବସିଥିବାବେଳେ ବଜାରରେ ଏବେ ଡାଏରୀ ଓ କ୍ୟାଲେଣ୍ଡର ବିକ୍ରି ଆରମ୍ଭ ହୋଇଗଲାଣି। ଚଳିତ ବର୍ଷ ଏହି ବେପାର ଜୋର୍ ଧରିଥିବା ଜଣାପଡ଼ିଛି। ଆଜି ବି ଏହାର କିଛି ନିର୍ଦ୍ଦିଷ୍ଟ ଗ୍ରାହକ ରହିଛନ୍ତି। ଯଦିଓ ନିୟମିତ ଡାଏରୀ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମିଛି, ହେଲେ ନୂଆବର୍ଷ ଡାଏରୀ ଏବେ ଉପହାରର ଏକ ପ୍ରମୁଖ ମାଧ୍ୟମ ହୋଇଛି। କଟକ ସହରରେ ପ୍ରାୟ ୧୦୦ରୁ ଅଧିକ ଛୋଟ ବଡ଼ ଡାଏରୀ ବିକ୍ରି ପ୍ରତିଷ୍ଠାନ ରହିଛି। ବ୍ୟବସାୟୀଙ୍କ କହିବାନୁଯାୟୀ, ସାଧାରଣତଃ ଡିସେମ୍ବର ମାସ ଆରମ୍ଭରୁ ଡାଏରୀ ବିକ୍ରି ଆରମ୍ଭ ହୋଇଯାଇଥାଏ। କିନ୍ତୁ ଡିସେମ୍ବର ତୃତୀୟ ସପ୍ତାହ ବେଳକୁ ବିକ୍ରି ପ୍ରାୟ ୫୦ ପ୍ରତିଶତରୁ ଅଧିକ ହୋଇଯାଇଥାଏ। ବାକି ୫୦ପ୍ରତିଶତ ଦୁଇ ଚାରି ଦିନ ମଧ୍ୟରେ ହୋଇଥାଏ। ଏଥର ଡାଏରୀ ମୂଲ୍ୟରେ ୧୦ରୁ ୨୦ ପ୍ରତିଶତ ବୃଦ୍ଧି ଘଟିଛି ବୋଲି କୁହନ୍ତି ବ୍ୟବସାୟୀ। ଅନ୍‌ଲାଇନ୍‌ରେ ମଧ୍ୟ ବିଭିନ୍ନ ସଂସ୍ଥା ଡାଏରୀ ବିକ୍ରି କରୁଥିବା ଦେଖିବାକୁ ମିଳିଛି।

**ସରକାରୀ ଛାପାଖାନା ପକ୍ଷରୁ ବିକ୍ରି ହେବ ୫୦ହଜାର ଡାଏରୀ**



ସହରରେ ଆକଳନ ଅନୁସାରେ ପ୍ରତିବର୍ଷ ହାରାହାରି ୧ ଲକ୍ଷରୁ ଅଧିକ ଡାଏରୀ ବିକ୍ରି ହୋଇଥାଏ। ଡାଏରୀର ମୂଲ୍ୟ ୧୭୦ ଟଙ୍କାରୁ ଆରମ୍ଭ ହୋଇ ୪୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। କଲେଜ ଛକ, ଦୋଳମୁଣ୍ଡାଇ, ବାଦାମବାଡ଼ି, ବକ୍ସିବଜାର, ମଙ୍ଗଳାବାଗ, ଚଣ୍ଡୀ ଛକ ଆଦି ପ୍ରମୁଖ ଅଞ୍ଚଳରେ ଏହି ପସରା ଖୋଲିଛି। ବ୍ୟବସାୟୀଙ୍କ କହିବାନୁସାରେ, ଅନ୍‌ଲାଇନ୍‌ରେ ବିଭିନ୍ନ ସଂସ୍ଥା ଡାଏରୀ ବିକ୍ରି କରିବା ଦ୍ୱାରା ଦୋକାନମାନଙ୍କରେ ବ୍ୟବସାୟ ପ୍ରଭାବିତ ହୋଇଛି। କିନ୍ତୁ ଦୋକାନମାନଙ୍କରେ ପୂର୍ବାପେକ୍ଷା ଏଥର ବିକ୍ରି ବଢ଼ିବା ନେଇ ଆଶା ରଖିଛନ୍ତି କଲେଜ ଛକ ବ୍ୟବସାୟୀ ରାମଚନ୍ଦ୍ର ପଣ୍ଡା। ଯୁବପିଢ଼ିଙ୍କ ପାଇଁ ଡାଏରୀର ବିକଳ୍ପ ଏବେ ଇ-ଗେଜେଟ ହୋଇଛି। ତଥାପି ଡାଏରୀକୁ କିଏ ବ୍ୟବହାର କରୁ ନ କରୁ କିନ୍ତୁ ଉପହାର ଆକାରରେ ଏହାକୁ ଦେବାକୁ କଲେଜ ପଢୁଆ ଯୁବବର୍ଗଙ୍କ ମଧ୍ୟରେ ସ୍ୱତନ୍ତ୍ର କ୍ରେଜ୍ ରହିଛି ବୋଲି କୁହନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ଅନିମେଶ ପଣ୍ଡା।

ଅନ୍ୟପଟରେ ନୂଆ ବର୍ଷ ଆସିଲେ ସରକାରୀ ଛାପାଖାନା ଦ୍ୱାରା ପ୍ରସ୍ତୁତ ହେଉଥିବା ଓଡ଼ିଶା ସରକାରଙ୍କ ଡାଏରୀର ମଧ୍ୟ ଅଧିକ ଚାହିଦା ରହିଥାଏ। କଟକ ସରକାରୀ ଛାପାଖାନା ପକ୍ଷରୁ ଏହି ଡାଏରୀ ସହ ବିଭିନ୍ନ ପ୍ରକାରର କ୍ୟାଲେଣ୍ଡର ମଧ୍ୟ କାଉଣ୍ଟରରେ ବିକ୍ରି ହୋଇଥାଏ। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, ଚଳିତ ବର୍ଷ ପ୍ରାୟ ୫୦ ହଜାରରୁ ଅଧିକ ସରକାରୀ ଡାଏରୀ ଓ ପ୍ରାୟ ୪ ଲକ୍ଷରୁ ଅଧିକ କ୍ୟାଲେଣ୍ଡର ବିକ୍ରି ପାଇଁ ଲକ୍ଷ୍ୟ ରଖାଯାଇଛି। ମଙ୍ଗଳବାରଠାରୁ ଏହାର ବିକ୍ରି ଆରମ୍ଭ କରାଯିବା ପାଇଁ ଲକ୍ଷ୍ୟ ରହିଛି। ପ୍ରଥମେ ସରକାରୀ କାର୍ଯ୍ୟାଳୟ ଓ ବିଭାଗଗୁଡ଼ିକୁ ଦିଆଯିବା ପରେ କାଉଣ୍ଟରରେ ବିକ୍ରି ଆରମ୍ଭ ହେବ।

## ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ

କଟକ,୨୫ା୧୨(ସମିସ): ମହାନଦୀ ବିହାର ସ୍ଥିତ ବାଜପେୟୀ ଛକଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟି ଚୌଦ୍ୱାର-କଟକ ବିଧାନସଭା କ୍ଷେତ୍ରର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ନୂଆବଜାର ମଣ୍ଡଳ ସଭାପତି ମହିମାନନ୍ଦ ସ୍ୱାଇଁ, ମହାନଦୀ ମଣ୍ଡଳ ସଭାପତି ବିଶ୍ୱରଥୀ ସ୍ୱାଇଁ, କର୍ପୋରେଟର ଗୋପାଳ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ଭାଗୀରଥି ଦଳାଇ, ବିଧାନସଭା ସଂଯୋଜକ ଚିରଞ୍ଜିବୀ ଖଣ୍ଡାୟତରାୟ, ଓବିସି ମୋର୍ଚ୍ଚା ସଭାପତି ମହେନ୍ଦ୍ର ମହାନ୍ତି, ସିକନ୍ଦର ଅଲ୍ଲୀ, ସୌମେନ୍ଦ୍ର ପଲାଇ, ମୁନିନ୍ଦ୍ର ଭୋଳ ପ୍ରମୁଖ ଯୋଗଦେଇଥିଲେ। ସେହିପରି କଟକ ନଗର ଭାଜପା ତରଫରୁ କଟକରେ ବିଭିନ୍ନ ମଣ୍ଡଳରେ ତଥା ବିଭିନ୍ନ ସ୍ଥାନରେ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ ହୋଇଥିଲା। ମର୍କତ ନଗର, ବିଜୁ ପଟ୍ଟନାୟକ ଛକ, ମେରିଆ ବଜାର, ରାଜାବଗିଚା ଓ ମହାନଦୀ ବିହାର ଆଦି ସ୍ଥାନରେ ନଗର ଭାଜପା ସଭାପତି ଲଲାଟେନ୍ଦୁ ବଡୁ, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ମୃତ୍ୟୁଞ୍ଜୟ ଜେନା, ବିବେକାନନ୍ଦ ନାୟକ, ଭାଗିରଥି ଦଳେଇ, ସନ୍ତୋଷ ମହାନ୍ତି, ବିଶ୍ୱରଥୀ ସ୍ୱାଇଁ, ନିରଞ୍ଜନ ବେହେରା, ନମିତା ମିଶ୍ର, ମହମ୍ମଦ ସବୀର, ମହିମା ନନ୍ଦ ସ୍ୱାଇଁ, ସୁବାସ ମହାନ୍ତି, ଦିଲ୍ଲୀପ ସାହୁ, ହରିଚନ୍ଦନ ନାୟକ, ଗଗନ ଓଝା, ଶିବନାରାୟଣ ନାୟକ ପ୍ରମୁଖ ବାଜପେୟୀଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦେଇ ତାଙ୍କର ସ୍ମୃତିଚାରଣ କରିଥିଲେ।

ସକାଳ THE SAKALA



### ୩ ମାସ ହେଲା ରାସ୍ତା ଖୋଲିଦେଇ ଠିକାଦାର ଚମ୍ପଟ

# ଧୂଳିରେ ଅତିଷ୍ଠ ଗ୍ରାମବାସୀ; କାର୍ଯ୍ୟାନୁଷ୍ଠାନ ଦାବି

ଟିଗିରିଆ,୨୫।୧୨(ସମିସ)



ଟିଗିରିଆ ବ୍ଲକ୍ ନିଜିଗଡ଼ ପଞ୍ଚାୟତଠାରୁ ମହାନଦୀ ଉତ୍ତରକୁଲାଟ ଅଞ୍ଚଳକୁ ଯୋଗାଯୋଗ କରୁଥିବା ଗୋପିନାଥପୁର-ଗଦାଧରପୁର ରାସ୍ତାର ସୁନେଇ-ରୁପେଇ ବ୍ରିଜ୍‌ଠାରୁ ଉଭୟ ଟିଗିରିଆ ବ୍ଲକ୍‌ର ଗଦାଧରପୁର ଓ ବାଙ୍କୀ ବ୍ଲକର ପାଳପୁଟ ଗ୍ରାମକୁ ଯୋଗାଯୋଗ କରୁଥିବା ଏକମାତ୍ର ରାସ୍ତାର ମରାମତି ପାଇଁ ଏକ ଠିକା ସଂସ୍ଥା ଆଜକୁ ୩ ମାସ ଧରି ସମ୍ପୃକ୍ତ ରାସ୍ତାକୁ ଖୋଲିଦେଇ ଅନ୍ୟତ୍ର ଚାଲିଯାଇଛି। ଫଳରେ ଦୀର୍ଘଦିନ ଧରି ଏହି ଅର୍ଦ୍ଧନିର୍ମିତ ରାସ୍ତାରେ ଗାଡ଼ିମୋଟର ଯାତାୟାତରେ ସମସ୍ୟା ହେବା ସହିତ ଅଞ୍ଚଳବାସୀ ପ୍ରବଳ ଧୂଳିସହ୍ୟକରୁଥିବାରଅଭିଯୋଗହୋଇଛି।

ସୂଚନା ମୁତବକ, ଟିଗିରିଆ ବ୍ଲକ୍‌ର ଗୋପିନାଥପୁର ଶାସନ ଗ୍ରାମଠାରୁ ଏହି ବ୍ଲକ୍ ଅନ୍ତର୍ଗତ ଗଦାଧରପୁର ଓ ବାଙ୍କୀ ବ୍ଲକର ପାଳପୁଟ ଗ୍ରାମକୁ ସଂଯୋଗ କରୁଥିବାର ଏହି ରାସ୍ତାଟି ଅତି ସଙ୍କୀର୍ଣ୍ଣ ହୋଇଥିଲେ ହେଁ ସ୍ୱଳ୍ପ ଦୂରତା ପାଇଁ ଏହି ବ୍ଲକ୍ ଅନ୍ତର୍ଗତ କଣ୍ଟିପୁର, ବିଷ୍ଣୁପୁର, ରଘୁରାମପୁର, ମଣିପୁର, ଗୌଡ଼ପଦା, ପାଳପୁଟ, ବାଉଁଶପୁଟ ଆଦି ଅଞ୍ଚଳର ଜନସାଧାରଣ ଗୋପିନାଥପୁର ଗ୍ରାମ ଦେଇ ଏହି ରାସ୍ତାକୁ ବ୍ୟବହାର କରିଥାନ୍ତି। ଏହି ରାସ୍ତାର ସୁନେଇ-ରୁପେଇ ବ୍ରିଜ୍‌ଠାରୁ ପ୍ରାୟ ୩୦୦ ମିଟର ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଥିବାରୁ ଏହି ରାସ୍ତାର ନବୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ପ୍ରାୟ ୧୨ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ କଟକର ଏକ ଘରୋଇ ସଂସ୍ଥାକୁ ଏହି ରାସ୍ତାର ନବୀକରଣ ପାଇଁ ଠିକା ମିଳିଥିଲା। ତେବେ ଠିକା ସଂସ୍ଥା ପକ୍ଷରୁ ଆଜକୁ ପ୍ରାୟ ୩ ମାସ ତଳେ ଏହି ରାସ୍ତାକୁ ଜେସିବି ମେସିନ୍ ସହାୟତାରେ ଖୋଳାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଯନ୍ତ୍ରୀ କାର୍ଯ୍ୟସ୍ଥଳକୁ ଆସି ରାସ୍ତାକାମ ପାଇଁ ବ୍ୟବହାର ହେବାକୁ ଆସିଥିବା ଚିପ୍ସ ଓ ପଥର ସମ୍ପୃକ୍ତ ରାସ୍ତା କାର୍ଯ୍ୟ ପାଇଁ ଉପଯୁକ୍ତ ନୁହେଁ ବୋଲି ପ୍ରକାଶ କରିବା ପରେ ସମ୍ପୃକ୍ତ ସଂସ୍ଥା ଏହି କାର୍ଯ୍ୟକୁ ଆରମ୍ଭ କରି କାର୍ଯ୍ୟ ନ ସାରି ଅନ୍ୟତ୍ର କାମ କରୁଛନ୍ତି। ଦୀର୍ଘ ଦିନ ଧରି ଖୋଳାହୋଇ ପଡ଼ିଥିବା ଏହି ରାସ୍ତାରେ ଦୈନିକ ପାଣି ସିଞ୍ଚନ କରାଯାଉ ନ ଥିବାରୁ ଏହି ରାସ୍ତାରେ ଗାଡ଼ିମୋଟର ଚଳାଚଳରେ ଗୁରୁତର ବ୍ୟାଘାତ ହେବା ସହିତ ପ୍ରବଳ ଧୂଳି ଉଡ଼ି ଘରେ ପଶୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏନେଇ ଆଶୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ନନ୍ଦନକାନନ ବୁଲିଲେ ୧୯,୬୨୬ ପର୍ଯ୍ୟଟକ



**ବାରଙ୍ଗ,୨୫।୧୨(ସମିସ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ସୋମବାର ୧୯ ହଜାର ୬୨୬ ଜଣ ପର୍ଯ୍ୟଟକ ବୁଲିଛନ୍ତି। ଗତ ବର୍ଷ ତୁଳନାରେ କମ୍ ସଂଖ୍ୟକ ପର୍ଯ୍ୟଟକ ବୁଲିଥିବା ଦେଖିବାକୁ ମିଳିଛି। ତେବେ ବାହାର ପର୍ଯ୍ୟଟକଙ୍କଠାରୁ ସ୍ଥାନୀୟ ପର୍ଯ୍ୟଟକ ଅଧିକ ବୁଲିଥିବା ଦେଖିବାକୁ ମିଳିଥିଲା। ପର୍ଯ୍ୟଟକମାନେ ବୋଟିଂ ଓ ରୋପ୍‌ୱେର ମଜା ଉଠାଇଛନ୍ତି। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକଙ୍କର କୌଣସି ପ୍ରକାର ଅସୁବିଧା ହୋଇ ନ ଥିଲା। ନନ୍ଦନକାନନ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୧୯ ହଜାର ୬୨୬ ଟିକଟ ବିକ୍ରି ହୋଇଥିଲା। ସେଥିମଧ୍ୟରୁ ଅଫ୍‌ଲାଇନ୍‌ରେ ୧୬ ହଜାର ୫୧୦ ଜଣ, ଅନ୍‌ଲାଇନ୍‌ରେ ୧୮୧୩ ଜଣ, ହ୍ୱାଟ୍ସଆପ୍‌ରେ ୧୨୫୦, ରୋପ୍‌ୱେରେ ୨୪ ଜଣ ଟିକଟ କରିଥିବାବେଳେ ୨୪ ଜଣ ଭିନ୍ନକ୍ଷମଙ୍କୁ ମାଗଣାରେ ନନ୍ଦନକାନନ ପରିକ୍ରମା କରାଇବା ପାଇଁ ଅନୁମତି ମିଳିଥିଲା। ସେହିପରି ଉଦ୍ଭିଦ ଉଦ୍ୟାନରେ ୧୨୧୫ ଜଣ ପର୍ଯ୍ୟଟକ ପ୍ରଜାପତି, ଗୋଲାପ ବଗିଚା, କାକ୍‌ଟସ ହାଉସ୍, ଗ୍ଲାସ୍ ହାଉସ, ଡ୍ରାଏ ଗାର୍ଡେନ, ଗ୍ରୀନ୍ ହାଉସ, ଅର୍କିଡ୍ ହାଉସ, ଔଷଧୀୟ ଉଦ୍ୟାନ, ଜାପାନିଜ୍ ଗାର୍ଡେନ, ପାମ୍‌ସ ଗାର୍ଡେନ, ଶିଶୁ ଉଦ୍ୟାନ, ମୋଗଲ ଗାର୍ଡେନ, ବୁଦ୍ଧ ପାର୍କରେ ବୁଲିଥିବା ଉପନିର୍ଦ୍ଦେଶକ ସନତ କୁମାର ନରାୟଣଙ୍କଠାରୁ ସୂଚନା ମିଳିଛି।

## ବିଶ୍ୱେଶ୍ୱର ପାଲା ମଣ୍ଡଳର ବାର୍ଷିକ ସମ୍ମିଳନୀ ଉଦ୍‌ଯାପିତ

**ଚୌଦ୍ୱାର,୨୫।୧୨(ସମିସ):** ପାଲା କଳାକାରମାନଙ୍କୁ ନେଇ ଗଠିତ ବିଶ୍ୱେଶ୍ୱର ପାଲାମଣ୍ଡଳର ବ୍ଲକ୍‌ସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ହରିଅନ୍ତା ପଞ୍ଚାୟତ ଦେଉଳଚୁଆଁସ୍ଥିତ ନୃସିଂହ ମନ୍ଦିରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସନ୍ଥ ଶ୍ରୀକାନ୍ତ ବାବା ଉଦ୍‌ଘାଟନ କରିଥିଲେ। ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇ ୩ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଅନାଦି ଚରଣ ଦାସ, ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ ପ୍ରଧାନ, ବାଦିପାଲା ସମୀକ୍ଷକ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ପ୍ରାର୍ଥନା ଚ୍ୟାନେଲର ଶପଥ କୁମାର ପଟ୍ଟନାୟକ, ଜ୍ୟୋତିର୍ବିତ୍ ତପନ କୁମାର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପୁରାଣ, ଇତିହାସ, ସାମାଜିକ, ସାଂସ୍କୃତିକ ତଥା ପରମ୍ପରା ଆଦିର ସୁରକ୍ଷା ସହିତ ଏସବୁକୁ ଲୋକଲୋଚନରେ ଉଜ୍ଜୀବିତ ରଖିବା ଦିଗରେ ପାଲା ସଂସ୍କୃତିର ଅତୁଳନୀୟ ଅବଦାନ ଥିବା ପ୍ରକାଶ କରି ଭାଷା ସାହିତ୍ୟର ସୁରକ୍ଷା ପାଇଁ ଆମ ରାଜ୍ୟର ଗାୟକମାନେ ଆପ୍ରାଣ ଉଦ୍ୟମ ଜାରୀ ରଖିଥିବା ମତବ୍ୟକ୍ତ କରିଥିଲେ। ପାଲା ମଣ୍ଡଳ ସାଧାରଣ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଗାୟକ ନିରଞ୍ଜନ ବାହିନୀପତି, ସୁଦର୍ଶନ ଜେନା, ନାରାୟଣ ପଣ୍ଡା, ଉମେଶ ଚନ୍ଦ୍ର ସ୍ୱାଇଁ, ନିରଞ୍ଜନ ପଣ୍ଡା, ପ୍ରସନ୍ନ ପଟ୍ଟନାୟକ, ହିମାଂଶୁ ମହାନ୍ତି, ସନ୍ତୋଷ କୁମାର ଭୋଳ, ନରେନ୍ଦ୍ର



ରାଉତ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ରମେଶ ଚନ୍ଦ୍ର ସ୍ୱାଇଁ, ବିରଞ୍ଚି ନାରାୟଣ ତ୍ରିପାଠୀ, ଦୁଃଶାସନ ନାୟକ, ଲକ୍ଷ୍ମୀଧର ସାମଲ, ଅଶୋକ ରାଉତ, ଚନ୍ଦ୍ରଶେଖର ନାୟକ, ଚନ୍ଦ୍ରଶେଖର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅରବିନ୍ଦ ଶିକ୍ଷା କେନ୍ଦ୍ରରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ନିଶ୍ଚିନ୍ତକୋଇଲି,୨୫।୧୨(ସମିସ):** ନଟକାଇ ପଞ୍ଚାୟତ ବାଣୀନଗରଠାରେ ଥିବା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ୨୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ସୋମବାର ଉଦ୍‌ଯାପିତ ହୋଇଛି। ପ୍ରାକ୍ତନ ଶିକ୍ଷା ଅଣୁ ନିରୀକ୍ଷକ ଶ୍ୟାମସୁନ୍ଦର ଲେଙ୍କାଙ୍କ ଦ୍ୱାରା କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ ହୋଇଥିଲାବେଳେ ସିଆର୍‌ସିସି ସୁଶାନ୍ତ କୁମାର ପଣ୍ଡା କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ଚନ୍ଦ୍ରଭାନୁ ଭୂୟାଁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ରୋଜି ସେଠୀ, ମୁଖ୍ୟବକ୍ତା ଭାବେ ତହସିଲ୍‌ଦାର ଦିଲ୍ଲୀପ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଡ. ଦେବାଶିଷ ଦାସ, ଅଧ୍ୟାପକ ଅରୂପ ଲେଙ୍କା, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କାପ, ସରପଞ୍ଚ ଜୟଦେବ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ିବା ସହିତ ଖେଳକୁଦରେ ମନୋନିବେଶ କରି ଅଭ୍ୟାସ ଜାରି ରଖିଲେ ସଫଳତା ମିଳିପାରିବ ବୋଲି ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ବରିଷ୍ଠ ବିଭାଗରେ ବାଳକ ରାହୁଲ ଦାସ, ବାଳିକା ସୁଚିସ୍ମିତା ଦାସ ଚାମ୍ପିଅନ ହୋଇଥିଲେ। ଶିକ୍ଷୟିତ୍ରୀ ନିରୁପମା ରାଉତ, କଲ୍ୟାଣୀ ବଳ, ମୋହିନୀ ବେହେରା, ରଶ୍ମୀରେଖା ସାଥୁଆ, ବର୍ଷା ମହାରଣା, ସ୍ୱସଜ୍ଜିତ ରାଉତ, ସସ୍ମିତା ରାଉତ, ସହିଦ୍ ଅକ୍‌ତାର, ଅଞ୍ଜନ କୁମାର ପଣ୍ଡା ୩୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଜଗବନ୍ଧୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ବାଙ୍କୀ ମହାବିଦ୍ୟାଳୟ ୧୯୯୦ ସ୍ନାତକ ବ୍ୟାଚ୍ ବନ୍ଧୁମିଳନ



**ଭୁବନେଶ୍ୱର,୨୫।୧୨(ସମିସ):** ଆଖି ଭୁଲି ଯାଇଛି, ହେଲେ ମନ ମନେ ରଖିଛି। ଦୋଦଚିହ୍ନା ମୁହଁ ଗୁଡ଼ିକ ନାମ ଶୁଣିଲା ମାତ୍ରେ ପୁରୁଣା ଦିନର ସ୍ମୃତି ଆଖି ଆଗକୁ ଭାସି ଆସୁଛି। ବୟସର ଛାପକୁ ପଛରେ ଛାଡ଼ି ମନରେ ପ୍ରଶନ୍ନତା ବୃଦ୍ଧି ପାଇଛି। କଟକ ଜିଲ୍ଲା ବାଙ୍କୀ ମହାବିଦ୍ୟାଳୟର ୧୯୯୦ ମସିହା ସ୍ନାତକ ଛାତ୍ରଛାତ୍ରୀଙ୍କ ରବିବାର ଅନୁଷ୍ଠିତ ବନ୍ଧୁମିଳନ ଉତ୍ସବରେ ଏପରି ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଛି। ଭୁବନେଶ୍ୱର ଆଇଗିଣିଆସ୍ଥିତ ଡିଏମ୍ କନ୍‌ଭେସନ୍‌ଠାରେ ଦୀର୍ଘ ୩୩ ବର୍ଷ ପରେ ସେମାନେ ଏକତ୍ରୀତ ହୋଇ କଲେଜ ସମୟର ସ୍ମୃତି ସାଉଁଟିଛନ୍ତି। ନିଜ ପରିବାର ସମ୍ପର୍କରେ ସମସ୍ତଙ୍କୁ ଅବଗତ କରି ପରିଚିତ କରିଛନ୍ତି। ପରେ ଚଳିତ ଥର ଭଳି ପ୍ରତିବର୍ଷ ଏପରି କାର୍ଯ୍ୟକ୍ରମ କରିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ରଞ୍ଜନ ସୁନ୍ଦରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଦସ୍ୟ ଏକତ୍ରିତ ହୋଇଛନ୍ତି।

## ଗଣେଶ୍ୱର ବିଦ୍ୟାପୀଠ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ



**ଚମ୍ପେଶ୍ୱର,୨୫।୧୨(ସମିସ):** ନରସିଂହପୁର ବ୍ଲକ୍ ଅନ୍ତର୍ଗତ ଗଣେଶ୍ୱର ବିଦ୍ୟାପୀଠ ଫୁଲପଡ଼ାର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଦଶରାଜ୍ୟ ଗୋପାଳ ସମାଜର ସଭାପତି ଗଣେଶ୍ୱର ବେହେରାଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ସରପଞ୍ଚ ବୀରେନ୍ଦ୍ର କିଶୋର ବେହେରା ଶ୍ରଦ୍ଧାଞ୍ଜଳି ସଭାରେ ଅଧ୍ୟକ୍ଷତା କରିଥିବାବେଳେ ଆଇନଜୀବୀ ଦେବଦତ୍ତ ମଳୟ କୁମାର ବରାଳ, ପୁଲିସ ହାଉସିଂ ବୋର୍ଡର ପ୍ରୋଜେକ୍ଟ ମ୍ୟାନେଜର ପ୍ରତାପ ଚନ୍ଦ୍ର ବେହେରା, ଗଣେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ କରୁଣାକର ଶତ୍ରୁସଲ, ଶ୍ରୀଧର ଏମ୍.ଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସାହୁ, ହରିହର ଚମ୍ପତିରାୟ, କମିଟି ସଦସ୍ୟ ପ୍ରଫୁଲ୍ଲ ମହାପାତ୍ର, ଉପେନ୍ଦ୍ର ବେହେରା, ଶିକ୍ଷକ ସୁବାସ ଚନ୍ଦ୍ର ମିଶ୍ର, ଅଜୟ ମହାନ୍ତି, କଳିଙ୍ଗ କେଶରୀ ପ୍ରଧାନ, ରାମଚନ୍ଦ୍ର ମନ୍ତ୍ରୀ, ରଞ୍ଜନ ରଶ୍ମୀ ବେହେରା, ଅରୁଣ ବେହେରା ପ୍ରମୁଖ ସ୍ୱର୍ଗତ ବେହେରାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିବା ସହ ବିଦ୍ୟାଳୟ ପ୍ରତି ତାଙ୍କର ଅତୁଳନୀୟ ଅବଦାନସମ୍ପର୍କରେମତବ୍ୟକ୍ତକରିଥିଲେ।

## ହନୁମଞ୍ଚେଶ୍ୱର ପୀଠରେ ହରିହର ମହାଯଜ୍ଞ ଓ ଗୀତାପାରାୟଣ

**ସାଲେପୁର,୨୫।୧୨(ସମିସ):** ପ୍ରାକୃତିକ ଦୃଶ୍ୟ ମନୋରମ ପରିବେଶ ଆଧ୍ୟାତ୍ମିକ ବାତାବରଣରେ ରାମେଶ୍ୱର ଗ୍ରାମସ୍ଥିତ ହନୁମଞ୍ଚେଶ୍ୱର ପୀଠରେ ହରିହର ମହାଯଜ୍ଞ ଉପଲକ୍ଷେ ଶ୍ରୀମଦ୍ ଭାଗବତ ଗୀତାପାରାୟଣ ପଣ୍ଡିତ ବିଜୟ କୁମାର ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ବେଦାଚାର୍ଯ୍ୟ ବିକ୍ରମ ଶତପଥୀ, ପଣ୍ଡିତ ନିରଞ୍ଜନ ଶତପଥୀ, ଆଚାର୍ଯ୍ୟ ଓମ୍‌ପ୍ରକାଶ ନାରାୟଣ ଶତପଥୀଙ୍କ ସମେତ ୧୧ଜଣ ପଣ୍ଡିତଙ୍କ ସହଯୋଗରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ମନ୍ଦିରର ଟ୍ରଷ୍ଟି ବସନ୍ତ କୁମାର ପ୍ରହରାଜଙ୍କ ସଭାପତିତ୍ୱରେ ଆୟୋଜିତ ଧର୍ମସଭାରେ ଧର୍ମଜାଗରଣ ସମନ୍ୱୟ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ ଯୋଗଦେଇ ଗୀତାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଶରତ ଚନ୍ଦ୍ର ଲେଙ୍କା ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିବାବେଳେ କିଶୋର ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ନୃସିଂହନାଥ ଗୀତାମଣ୍ଡଳୀର ବ୍ୟାସ ଅବତନ ଷଡ଼ଙ୍ଗୀ, ପଦନେଶ୍ୱର ଗୀତାମଣ୍ଡଳୀର ଅଲେଖ ଚରଣ ପଣ୍ଡା, ଦାଶରଥୀ ଦାଶ, ରଜନୀକାନ୍ତ ଦାଶ, ଅଶୋକ ଶତପଥୀ, ପ୍ରଫୁଲ୍ଲ ସ୍ୱାଇଁ, ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ନାୟକ, ବିଶ୍ୱନାଥ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ମଦ ବେପାରୀକୁ ପୁଲିସ ଜିମା ଦେଲେ ଗ୍ରାମବାସୀ

ସାଲେପୁର,୨୫।୧୨(ସମିସ): ଏକ ମୋଟର ସାଇକଲରେ ଚୋରା ଦେଶୀ ମଦ ନେଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ଚୋରା ମଦ ବ୍ୟବସାୟୀକୁ ଧରି ପୁଲିସ ଜିମା ଦେଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ, ସୋମବାର ସକାଳେ ନିଶ୍ଚିନ୍ତକୋଇଲି ଅଞ୍ଚଳର ଶିବ ସାହୁ ଏକ ମୋଟର ସାଇକଲରେ ୬ ପେଟି (୬୦ ବୋତଲ) ଚୋରା ଦେଶୀ ମଦ ନେଇ ଯାଉଥିବାବେଳେ ଜପକୁଦ ଫାଣ୍ଡି ବୈରାଗୀପଡ଼ା ଗ୍ରାମ ନିକଟରେ ସ୍ଥାନୀୟ ଲୋକେ ତାଙ୍କୁ ଧରି ଜପକୁଦ ଫାଣ୍ଡି ଜିମା ଦେଇଛନ୍ତି। ଜପକୁଦ ଫାଣ୍ଡି ପୁଲିସ ଚୋରା ମଦ ସହ ମୋଟର ସାଇକଲକୁ ଜବତ କରିବା ସହ ଚୋରା ମଦ ବ୍ୟବସାୟୀକୁ ଫାଣ୍ଡିରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଗତ କିଛିଦିନ ହେବ ସାଲେପୁର ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଛକରେ ଚୋରା ମଦର ବନ୍ୟା ଛୁଟିଛି। ରାତି ୧୦ଟା ପରେ ସାଲେପୁର ଅଞ୍ଚଳରେ ଔଷଧ ମିଳୁ ନ ଥିବାବେଳେ ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରଚୁର ମାତ୍ରାରେ ଚୋରା ମଦ ବିକ୍ରି ଚାଲିଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।



## ଶୋକସନ୍ତପ୍ତ ପରିବାରକୁ ଭେଟିଲେ ବିଧାୟକ

**ମାହାଙ୍ଗା,୨୫।୧୨(ସମିସ):** ମାହାଙ୍ଗା ବ୍ଲକ୍ ପଣସପୁର ଗ୍ରାମର ତଥା ବ୍ଲକ୍ ବିଜେଡି ସଭାପତି ରାଜକିଶୋର ଜେନାଙ୍କ ମାତା ସୁମିତ୍ରାଙ୍କ ବିୟୋଗ ଘଟିଥିଲା। ଏହି ଖବର ପାଇବା ପରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ପଣସପୁରସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କିଶୋର ସିଂହ, ଯୁବନେତା ଜ୍ଞାନେନ୍ଦ୍ର ସାହୁ, ସରପଞ୍ଚ କମଳାକାନ୍ତ ଦାଶ, ପଣସପୁର ପଞ୍ଚାୟତ ବିଜେଡି ସଭାପତି ଉମେଶ ରାଉତରାୟ, ଯୁବନେତା ଶ୍ରୀକାନ୍ତ ଦାସ, ଜିଲ୍ଲା ପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ନିରଞ୍ଜନ ପ୍ରଧାନ, ସରପଞ୍ଚ ବଳରାମ ବେହେରା, ତପନ ସିଂହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ସୂଚନା ଅଧିକାର ଅଭିଯାନର ମହାସମ୍ମିଳନୀ

**ଚୌଦ୍ୱାର,୨୫।୧୨(ସମିସ):** ଚୌଦ୍ୱାର ପୌରପାଳିକା ଗାନ୍ଧୀଛକସ୍ଥିତ ପୌର ଟାଉନ୍ ହଲ୍ ପରିସରରେ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ୨ଦିନ ବ୍ୟାପୀ ଚାଲିଥିବା ରାଜ୍ୟସ୍ତରୀୟ ମହାସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଆବାହକ ପ୍ରଦୀପ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶେଷଦେବ ନନ୍ଦ, ଅକ୍ଷୟ କୁମାର, ଓକିଲ ଲଳିତ ମୋହନ ମିଶ୍ର, ବରିଷ୍ଠ ସାମ୍ବାଦିକ ସନ୍ଦିପ ସାହୁ, ଶାକ୍ୟ ସିଂ ମହାପାତ୍ର, ଆଇନଜୀବୀ ସୁଧିର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଗଣତନ୍ତ୍ରରେ ଓସା ବିରୋଧୀ ଦଳର ଭୂମିକା ନିର୍ବାହ କରୁଥିବା ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଓସା ତରଫରୁ ବିଭିନ୍ନ ବିଷୟକୁ ନେଇ ୬ଟି ପ୍ରସ୍ତାବ ପାରିତ କରାଯାଇଥିଲା। ଆଗାମୀ ଦିନରେ ସୂଚନା ଅଧିକାର ଆଭିଯାନ ପ୍ରଶିକ୍ଷଣ ଜାରୀ ରଖିବା ସହ ଦୁର୍ନୀତି ବିରୋଧରେ ଲଢ଼େଇ ଜାରୀ ରଖିବ ବୋଲି ସର୍ବସମ୍ମତିକ୍ରମେ ମତପ୍ରକାଶ ପାଇଥିଲା। ଚୌଦ୍ୱାର ଆବାହକ ଭୀମସେନ ବିଶ୍ୱାଳ, ମନୋଜ ସାହୁ, ରଞ୍ଜିତ୍ ମଲ୍ଲିକ, ଅଶ୍ୱିନୀ ଜେନା, ଜିତେନ୍ଦ୍ର ସାହୁ, ସର୍ବେଶ୍ୱର ବେଉରା, ପ୍ରତାପ ମହାନ୍ତି, ପ୍ରକାଶ ଦାଶ, ପ୍ରଭାନନ୍ଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟର ୧୫ଟି ଜିଲ୍ଲାରୁ ୨୫୦ ଜଣ କାର୍ଯ୍ୟକର୍ତ୍ତା ଏଥିରେ ଅଂଶ ଗ୍ରହଣ କରିଥିଲେ। ଓସାର ରାଜ୍ୟ ସହସଂଯୋଜକ ଶ୍ରୀକାନ୍ତ ପାକଳ ମଞ୍ଚ ପରିଚାଳନା କରିଥିଲେ।

## ହାଉସିଂବୋର୍ଡ ଉନ୍ନୟନ ପରିଷଦର ବନ୍ଧୁମିଳନ

ଆଠଗଡ଼,୨୫।୧୨(ସମିସ): ହାଉସିଂବୋର୍ଡ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ କଲୋନୀ ପରିସରରେ ବାସିନ୍ଦାମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲୋନୀ ସଭାପତି ଅନାଦି ଚରଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ପରିଷଦର ସମ୍ପାଦକ ଶ୍ରୀନିବାସ ରାଉତ ପରିଚାଳନା କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରଭାକର ରାଉତ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିବା ସହିତ ବାସିନ୍ଦାମାନଙ୍କର ଭାଇଚାର ନିଆରା ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିଜୟାନନ୍ଦ ମିଶ୍ର, ଚନ୍ଦ୍ରକାନ୍ତ ମିଶ୍ର, ବାମଦେବ ସ୍ୱାଇଁ, ରାଜକୁମାର ପ୍ରଧାନ, ଦେବାନନ୍ଦ ଭୂୟାଁ, ଶତ୍ରୁଘ୍ନ ବାରିକ, ସୁଶୀଲ କୁମାର ମିଶ୍ର, ଭୀମସେନ ଦାଶ ପ୍ରମୁଖ ଯୋଗଦେଇଥିଲେ।

### ପୁରୀ କେନାଲରେ ବଢ଼ିବାରେ ଲାଗିଛି ପ୍ରଦୂଷଣ

# ଚିନ୍ତା ବଢ଼ାଇଲାଣି ପ୍ଲାଷ୍ଟିକ୍ ଅଳିଆ ଆବର୍ଜନା



**ବାରଙ୍ଗ,୨୫।୧୨(ସମିସ):** ପରିବେଶ ପ୍ରଦୂଷଣ କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶେଷକରି ବାରଙ୍ଗ କାନପୁର ନିକଟ ପୁରୀ ମୁଖ୍ୟ କେନାଲ ପ୍ରଦୂଷଣର ମାତ୍ରା ବଢ଼ିବାରେ ଲାଗିଛି। ଦିନକୁ ଦିନ କେନାଲ ପ୍ରଦୂଷିତ ହୋଇ ଚାଲିଛି। ଏହି ଅଞ୍ଚଳର ଦୋକାନ, ବଜାରର ପଲିଥିନ୍, ଜରି, ସୋଲ ଠୋଲା, ଅଳିଆ ଆବର୍ଜନା, ପ୍ଲାଷ୍ଟିକ୍ ଲୋକଙ୍କ ଚିନ୍ତା ବଢ଼ାଇ ଚାଲିଛି। ଏହି ସବୁ ଅଳିଆ ଆବର୍ଜନାକୁ ଆଣି କେନାଲ ମଧ୍ୟରେ ଫିଙ୍ଗୁଥିବା ଦେଖିବାକୁ ମିଳୁଛି। ସରକାରୀଙ୍କ ପକ୍ଷରୁ ପ୍ଲାଷ୍ଟିକ୍ ଉପରେ କଟକଣା ଲାଗିଥିଲେ ବି ଏହା କିନ୍ତୁ ରଖାଯାଇପାରୁ ନାହିଁ। ଏହି ଆବର୍ଜନା ପାଣିରେ ମିଶିବା ଫଳରେ ଏହା ଲୋକଙ୍କ ପାଇଁ ସମସ୍ୟା ପାଲଟୁଛି। କେନାଲ ଉପରେ ନିର୍ଭର କରୁଥିବା ଲୋକେ ଏହାର ଜଳ ବ୍ୟବହାର କରିବା ପରେ ଅନେକ ରୋଗର ମଧ୍ୟ ସାମ୍ନା କରୁଛନ୍ତି। ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ ପ୍ରଦୂଷଣ ଚିନ୍ତା ବଢ଼ାଉଥିବାବେଳେ ଗଛ ସଂଖ୍ୟା ହ୍ରାସ ପାଇଛି। ଲୋକଙ୍କ ସଂଖ୍ୟା ବଢୁଥିବାବେଳେ ପ୍ରଦୂଷଣର ସ୍ତର ବଢ଼ିବଢ଼ି ଚାଲିଛି। ତେବେ ବିଭାଗୀୟ ଅଧିକାରୀ ପ୍ରଦୂଷଣ ଦିଗରେ ଅଧିକ ଯତ୍ନବାନ ହେବାର ଆବଶ୍ୟକତା ରହିଛି। କେବଳ ଅଧିକାରୀ ନୁହେଁ; ସାଧାରଣ ଲୋକେ ମଧ୍ୟ ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

## ସୁଭାଷ ସେତୁରେ ବିଜ୍ଞାପନ ହୋର୍ଡିଂ ପାଇଁ ଘଟୁଛି ଦୁର୍ଘଟଣା

ବାରଙ୍ଗ,୨୫।୧୨(ସମିସ)

ଦ୍ୱୈତନଗରୀ ଭୁବନେଶ୍ୱରରୁ କଟକକୁ ଯାତାୟାତ କରିବା ପାଇଁ ତ୍ରିଶୂଳିଆ ଦେଇ ହାଇକୋର୍ଟକୁ ସଂଯୋଗ କରୁଥିବା ସୁଭାଷ ସେତୁ ଉପରେ ଲାଗିଥିବା ହୋର୍ଡିଂ ବୋର୍ଡ ପାଇଁ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ଏଠାରେ ସୂଚନା ଯୋଗ୍ୟ ଯେ, ସୁଭାଷ ସେତୁର ଆଲୋକୀକରଣ ପାଇଁ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟମାନଙ୍କରେ ଛୋଟ ବଡ଼ ଲଗାଯାଇଥିବା ବିଜ୍ଞାପନ ହୋର୍ଡିଂଗୁଡ଼ିକ ହଠାତ୍ ଖୁଣ୍ଟରୁ ଛିଣ୍ଡି ପଡ଼ି ଯାତାୟାତ କରୁଥିବା ଯାନବାହନ ଚାଳକଙ୍କ ଆଗରେ ପଡ଼ିବା ଫଳରେ ସେମାନେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏହା ସହ ହୋର୍ଡିଂଗୁଡ଼ିକ ଛିଣ୍ଡି ପବନରେ ଉଡ଼ିବା ଫଳରେ ଚାଳକମାନଙ୍କ ମୁଣ୍ଡ, ଦେହରେ ଆଘାତ ଲାଗି ଖଣ୍ଡିଆଖାବରା ହେବାର ନଜିର ରହିଛି। ଏହାର ମୁଖ୍ୟ କାରଣ ଏହି ହୋର୍ଡିଂ ବୋର୍ଡଗୁଡ଼ିକ କୌଣସି ସଂସ୍ଥା କିମ୍ବା ବ୍ୟକ୍ତିବିଶେଷମାନେ ସରୁ ଜିଆଇ ତାରରେ ବାନ୍ଧିଥିବା ତାରଗୁଡ଼ିକ ଖରା ଓ କାକର ଖାଇ କଳଙ୍କି ଲାଗି ହାଲୁକା ପବନରେ ଛିଣ୍ଡି ପଡୁଥିବା ଏହାର ମୁଖ୍ୟ କାରଣ ବୋଲି ଜଣାପଡୁଛି। ଯାହା ଫଳରେ ଆଗକୁ ଲୋକମାନଙ୍କର ଧନଜୀବନ ହାନୀ ହେବାର ସମ୍ଭାବନା ରହିଛି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। କୌଣସି ସଂସ୍ଥା ଓ ବ୍ୟକ୍ତିବିଶେଷ ଏହାକୁ ଲଗାଇବା ପାଇଁ କୌଣସି ଅନୁମତି ଆଣିଛନ୍ତି କି ନାଇଁ ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।



## ଦ୍ୱୀପାଞ୍ଚଳରେ ବିଜେଡିର ବିଶାଳ ଜନସମ୍ପର୍କ ସମାବେଶ



**ନିଆଳି, ୨୫।୧୨(ସମିସ):** ନିଆଳି ବ୍ଲକ ଦେବୀକନ୍ଦଳ ଦ୍ୱୀପାଞ୍ଚଳର କସର୍ଦ୍ଦା ପଞ୍ଚାୟତ ଦୋପଟି ତୋଟା ପଡ଼ିଆରେ ଇଂ ପ୍ରଶନ୍ନ ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ଏକ ବିଶାଳ ଜନସମ୍ପର୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଲାଶୁଣୀ ପଞ୍ଚାୟତର ଦହିଜଙ୍ଗ ହନୁମାନ ମନ୍ଦିର ପରିସରରୁ ଶତାଧିକ ବାଇକ୍ ରାଲିରେ ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ପାଣ୍ଡିଆନ୍ ଜିନ୍ଦାବାଦ୍ ଧ୍ୱନୀ ମଧ୍ୟରେ ବିଜେଡି କର୍ମୀ ରାସ୍ତାସାରା ନାରା ଦେଇ ଦେବୀକନ୍ଦଳ ଦ୍ୱୀପାଞ୍ଚଳର ଅନେକ ଛକ ଦେଇ ଦିପୋଟି ତୋଟା ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ବିଜେଡି କର୍ମୀମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଭୂତିଭୂଷଣ ସାହାଣୀ, ମମତା ବେହେରା, ମୁରଲୀଧର ସାହୁ, ରହିମୁଦ୍ଦିନ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେତୃତ୍ୱ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚେଷ୍ଟା ଯୋଗୁଁ ରାଜ୍ୟରେ ବିକାଶ କାର୍ଯ୍ୟ ଚାଲିଛି ବୋଲି ପ୍ରକାଶ କରିଛନ୍ତି। ଏହି ସମାବେଶରେ ଅନ୍ୟ ଦଳର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗଦେଇଥିବାବେଳେ ସେମାନଙ୍କୁ ଦଳୀୟ ନେତା ଇଂ ମଲ୍ଲିକ ଓ ଅନ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ।

### ପରିବା ଦର ଆକାଶଛୁଆଁ; ୫୦୦ ଟଙ୍କାରେ ବି ଭରୁନି ବ୍ୟାଗ୍

# ଖାଉଟି ଓ ଚାଷୀଙ୍କ ପେଟରୁ ଦାନା ଛଡ଼ାଉଛନ୍ତି ବଡ଼ ବେପାରୀ

**ତିଗିରିଆ, ୨୫।୧୨(ସମିସ):**

କଟକ ଜିଲ୍ଲାର ଅନ୍ୟତମ କୃଷି ପ୍ରଧାନ ବ୍ଲକ ତଥା ସଜ ପରିବାର ଗାଁ ବୋଲାଉଥିବା ତିଗିରିଆ ବ୍ଲକରେ ସମ୍ପ୍ରତି ସଜ ପରିବାର ଦର ଆକାଶଛୁଆଁ। କେବଳ କାକୁଡ଼ିକୁ ଛାଡ଼ିଦେଲେ ଅନ୍ୟ କୌଣସି ପରିବା ଦର ୬୦ ତଳେ ନାହିଁ। ସଜ ପରିବାର ଆକାଶଛୁଆଁ ଦର ସାଧାରଣ ଉପଭୋକ୍ତାଙ୍କଠାରୁ ଆରମ୍ଭ କରି ଅପେକ୍ଷାକୃତ ବିତ୍ତଶାଳୀ ଲୋକଙ୍କ ପକେଟକୁ ଖୁବ୍ ବାଧୁଛି। ଏପରିକି ୫୦୦ ଟଙ୍କା ନେଇ ବଜାରକୁ ଗଲେ ବି ବ୍ୟାଗ୍ ଭର୍ତ୍ତି ପରିବା ମିଳୁନାହିଁ। ଫଳରେ ଏନେଇ ବ୍ଲକର ଉପଭୋକ୍ତାମାନଙ୍କ ମଧ୍ୟରେ ଚାପା ଉତ୍ତେଜନା ସୃଷ୍ଟି ହେଉଛି। ଏହାସହ ତିଗିରିଆ ବ୍ଲକର ଚାଷୀମାନଙ୍କ କ୍ଷେତହୁଡ଼ାରୁ ଗାଡ଼ିମୋଟର ଲଗାଇ ଅପେକ୍ଷାକୃତ ଚଢ଼ା ଦର ଦେଇ ଜିଲ୍ଲା ତଥା ଜିଲ୍ଲା ବାହାରର ହାଟବଜାରରେ ଚଢ଼ାଦାମ୍‌ରେ ବିକ୍ରିକରି ବେଶ୍ ଲାଭବାନ ହେଉଥିବାବେଳେ ଏହାର ବିପରିତ ଫଳ ତିଗିରିଆ ବ୍ଲକର ଖୁଚୁରା ବିକ୍ରେତା ତଥା ଉପଭୋକ୍ତାମାନେ ଭୋଗୁଥିବାର ଅଭିଯୋଗ ହେଉଛି।

ସୂଚନା ମୁତାବକ, ଚଳିତ ରବି ଋତୁରେ ତିଗିରିଆ ବ୍ଲକର ପାଞ୍ଚଗାଁ, ବିନ୍ଧାଣିମା, ନୂଆପାଟଣା ସହ ତିଗିରିଆ ନିଜିଗଡ଼ର ଗୋହିରିମୁଣ୍ଡାସ୍ଥିତ ଦୈନିକ ହାଟରେ ଏବେ




ପରିବା ଦର ଆକାଶଛୁଆଁ। ସୋମବାର ତିଗିରିଆ ଗୋହିରିଦ୍ୱାର ଦୈନିକ ହାଟରେ ଏହାର ନଗ୍ନ ଛବି ଦେଖିବାକୁ ମିଳିଛି। ସୋମବାର ଏହି ହାଟରେ ବାଇଗଣର ସର୍ବନିମ୍ନ ଦର କେଜି ପ୍ରତି ୭୦ ଟଙ୍କା ଥିବାବେଳେ ବିଲାତି ବାଇଗଣ ୬୦, ଝୁଡ଼ଙ୍ଗ ୩୦, ଫୁଲକୋବି ଗୋଟା ପ୍ରତି ୪୦ରୁ ୫୦, ବନ୍ଧାକୋବି ଗୋଟା ପ୍ରତି ୨୫ରୁ ୪୦, ଜହ୍ନି କେଜି ୪୦, ପୋଟଳ ୬୦, ଭେଣ୍ଡି ୪୦ ଥିବାବେଳେ କଞ୍ଚାଲଙ୍କା କେଜି ପିଛା ୨୦୦ ଟଙ୍କାରେ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ବର୍ଦ୍ଧିତ ଦରକୁ ନେଇ ଉଭୟ ଚାଷୀ ଓ ଉପଭୋକ୍ତା ଅସନ୍ତୋଷ ଥିବାବେଳେ ଏହି ବର୍ଦ୍ଧିତ ଦର ପଛରେ ଜିଲ୍ଲା ତଥା ଜିଲ୍ଲା ବାହାରର ଅପେକ୍ଷାକୃତ ବଡ଼ ବ୍ୟବସାୟୀମାନଙ୍କ ପ୍ରଚ୍ଛଦ ହାତ ଥିବାର ଗୁରୁତର ଅଭିଯୋଗ ଉଠିଛି। ବର୍ତ୍ତମାନ ସମୟରେ ତିଗିରିଆ ବ୍ଲକର ବାଲିପୁଟ ଓ ବାଙ୍କୀ ବ୍ଲକର ଘୋଳପୁର ଆଦି ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ଦେଶୀ ବାଇଗଣ ଉତ୍ପାଦିତ ହେଉଥିବାବେଳେ ଏହାର ଦର ଏବେ ପଡ଼ୋଶୀ ଜିଲ୍ଲାର ବ୍ୟବସାୟୀମାନଙ୍କ ହାତରେ ରହୁଛି। ଚାଷୀଙ୍କ ହିଡ଼ମୁଣ୍ଡରେ ୪ ଚକିଆ ଯାନ ଲଗାଇ ବ୍ୟବସାୟୀମାନେ ସଦ୍ୟ ଉତ୍ପନ୍ନ ପରିବାକୁ ଯତ୍‌କିଞ୍ଚିତ ଅର୍ଥରେ କିଣି ନେଇ ଅନ୍ୟତ୍ର ଚଢ଼ାଦରରେ ବିକ୍ରି କରୁଥିବାରୁ ତିଗିରିଆରେ ପରିବା ଦର ଚଢ଼ା ରହୁଛି। ଅନୁରୂପ ଭାବେ ତିଗିରିଆ ବ୍ଲକରେ ପରିବାକୁ ଭବିଷ୍ୟତ ପାଇଁ ଗଚ୍ଛିତ ରଖିବାକୁ ସାମାନ୍ୟ ଶୀତଳଭଣ୍ଡାରଟିଏ ନ ଥିବାରୁ ଚାଷୀମାନେ ନଷ୍ଟ ହେବା ଆଶଙ୍କାର ସ୍ୱଳ୍ପ ମୂଲ୍ୟ ବିନିମୟରେ ପରିବାକୁ ବ୍ୟବସାୟୀମାନଙ୍କ ହାତରେ ଟେକି ଦେଉଥିବାର ସୂଚନା ହସ୍ତଗତ ହୋଇଛି। ବର୍ତ୍ତମାନ ପରିସ୍ଥିତିରେ କେବଳ ତିଗିରିଆ ବ୍ଲକର ଉତ୍ତରକୁଲାଟ ଗଦାଧରପୁର, ହାଟମାଳ, ବଡ଼ନାଉପୁଟ ସମେତ ବାଙ୍କୀ ବ୍ଲକ ଉତ୍ତରକୁଲାଟ ଅଞ୍ଚଳର ୨ଟି ପଞ୍ଚାୟତ ସହ ବଡ଼ମ୍ବା ବ୍ଲକର ମାନପୁର, ହରିଠା, କଦନା ଅଞ୍ଚଳରୁ ଦୈନିକ ୫ ହଜାରରୁ ଊର୍ଦ୍ଧ୍ୱ ବନ୍ଧା ଓ ଫୁଲ କୋବି କଟାଯାଉଥିଲେ ହେଁ ଏବେ ତିଗିରିଆର ବିଭିନ୍ନ ହାଟବଜାରରେ ଆଉ କୋବି ଦେଖିବାକୁ ମିଳୁନି। ସାଧାରଣତଃ ନଭେମ୍ବର ମାସ ଶେଷ ସୁଦ୍ଧା ତିଗିରିଆର ବିଭିନ୍ନ ହାଟବଜାରରେ ଆଖିଦୃଶିଆ କୋବି ଗୋଟା ପ୍ରତି ୧୫ରୁ ୨୦ ଟଙ୍କା ଥିବାବେଳେ ଡିସେମ୍ବର ଶେଷ ସପ୍ତାହ ବେଳକୁ ସେହି କୋବି ୩ଟାକୁ ୧୦ ଟଙ୍କାରେ ବିକ୍ରି ହୋଇଥାଏ। କିନ୍ତୁ ବର୍ତ୍ତମାନ ସୁଦ୍ଧା ତିଗିରିଆ ବ୍ଲକରେ କୋବିର ଗୋଟା ପ୍ରତି ଦର ୪୦ରୁ ତଳକୁ ଖସୁନାହିଁ। ଜିଲ୍ଲା କୃଷି ବିଭାଗ ଏନେଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ



**ସାଲେପୁର, ୨୫।୧୨(ସମିସ):** ଅଟଳ ସେନା ଓଡ଼ିଶା ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ୯୯ତମ ଜୟନ୍ତୀ ଓ ଅଟଳ ସେନାର ୨୪ତମ ପ୍ରତିଷ୍ଠା ଦିବସ ସାଲେପୁରସ୍ଥିତ ମଧୁମଣ୍ଡପରେ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବକୁ ଅଟଳ ସେନା ଚିନ୍ତନ ପରିଷଦର ରାଜ୍ୟ ଅଧ୍ୟକ୍ଷ ଅଧିବକ୍ତା ପ୍ରଦୀପ୍ତ କୁମାର ମହାପାତ୍ର ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟଅତିଥି ଭାବେ ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ୍‌ର ପରାମର୍ଶଦାତା ଇଂ. ସହଦେବ ଖଟୁଆ ଯୋଗଦେଇଥିଲେ। ପ୍ରଫେସର ପ୍ରଭାତ କିଶୋର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ଡ. ସିପ୍ରା ମଲ୍ଲିକ, ସମ୍ମାନିତ ଅତିଥି ରୂପେ ଅପର୍ଣ୍ଣା ନାୟକ, ଚୌଧୁରୀ ହେମନ୍ତ କୁମାର ସାହୁ, ସମ୍ମାନିତ ବକ୍ତା ଭାବେ ମେଜର ମଞ୍ଜୁଶ୍ରୀ ପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବକ୍ତୃତା, ଚିତ୍ରାଙ୍କନ ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ଉପଢ୍ୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଅଟଳ ରତ୍ନ ସମ୍ମାନରେ ବିଶିଷ୍ଟ ସମାଜସେବୀ କୁଞ୍ଜମୋହନ ସେଠୀଙ୍କୁ ପ୍ରଦାନ କରାଯାଇଥିବାବେଳେ ଅଟଳ ଜ୍ୟୋତି ସମ୍ମାନରେ ଲେଖକ ଓ ପ୍ରକାଶକ ଚନ୍ଦ୍ରମଣି ଭୂୟାଁ, ଅଟଳ ସେବା ସମ୍ମାନରେ ରଶ୍ମିରଞ୍ଜନ ପରିଡ଼ାଙ୍କୁ ସମ୍ମାନିତ କରାଯାଇଥିଲା।



**କିଶନନଗର:** ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ବିଶ୍ୱାଳପଡ଼ା ସ୍ଥିତ ମୁକ୍ତେଶ୍ୱର ଶିବ ମନ୍ଦିର ପରିସରରେ ପାଳନ କରାଯାଇଛି। ଯୁବ ନେତା ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଚିତ୍ତରଞ୍ଜନ ସାହୁ, ଦିବା ଜେନା, ଗୋକୁଳ ପ୍ରଧାନ, କେଳୁଚରଣ ମହାଳି, ଜାମିନୀ ମୋହନ ସାହୁ, ପ୍ରଦୀପ ଦାସ, ବାଉରୀବନ୍ଧୁ ମହାନ୍ତି, ବିମଳ ପଣ୍ଡା ପ୍ରମୁଖ ଯୋଗଦେଇ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଖୁଣ୍ଟକଟାକୁ ହରାଇ ସେମିରେ ପାଞ୍ଚଗାଁ

**ତିଗିରିଆ, ୨୫।୧୨(ସମିସ):** ତିଗିରିଆ ବ୍ଲକ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡିୟମ୍ ପରିସରରେ ଆସୋସିଏସନ ଦିବ୍ୟଜ୍ୟୋତି ପକ୍ଷରୁ ଆୟୋଜିତ ହେଉଥିବା ୮ମ ପାଞ୍ଚଗାଁ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ପାଞ୍ଚଗାଁ ଆଞ୍ଚଳିକ ଆଥ୍‌ଲେଟିକ୍ ଆସୋସିଏସନ ଆଠଗଡ଼ର ଖୁଣ୍ଟକଟା ଖେଳ ପରିଷଦକୁ ୧-୦ ଗୋଲ୍‌ରେ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ସେମି ଫାଇନାଲ୍‌ରେ ପ୍ରବେଶ କରିଛି। ସୋମବାର ଖେଳରେ ଯୋଗଦେବାକୁ ଥିବା ମାରାଂଗୁରୁ ଫୁଟ୍‌ବଲ୍‌ଟିମ୍, ମୟୂରଭଞ୍ଜ ଦଳ ଯୋଗଦେଇ



ନ ପାରିବାରୁ ଶେଷରେ ଆୟୋଜକଙ୍କ ପକ୍ଷରୁ ପାଞ୍ଚଗାଁ ଆଞ୍ଚଳିକ ଆଥ୍‌ଲେଟିକ୍ ଆସୋସିଏସନ ଦଳକୁ ଡକାଯାଇ ଖେଳ ଆୟୋଜନ କରାଯାଇଥିଲା।। ପାଞ୍ଚଗାଁ ଆଞ୍ଚଳିକ ଆଥ୍‌ଲେଟିକ୍ ଆସୋସିଏସନ ଦଳର ରିକି ବିଜୟ ଗୋଟିଏ ଗୋଲ୍ ସ୍କୋର୍ କରିଥିଲେ। ଏହି ଖେଳରେ ଦଧିବାମନଜୀଉ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ବିଶ୍ୱାଳ ଓ ସମାଜସେବୀ ସୁଜିତ୍ କୁମାର ବାରିକ ଅତିଥି ରୂପେ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଶକ୍ତିରଞ୍ଜନ ମହାପାତ୍ର ଖେଳ ପରିଚାଳନା କରିଥିବାବେଳେ ତାଙ୍କୁ ଲାଇନ୍ସରେ ଅବ୍‌ଦୁଲ୍ ମାତିନ୍ ଓ ସେକ୍ ହୟାତ ସହାୟତା କରିଥିଲେ। ସୁବାସ ଚନ୍ଦ୍ର ମୁଦୁଲି ୪ର୍ଥ ରେଫରୀ ଦାୟିତ୍ୱ ନିର୍ବାହ କରିଥିବାବେଳେ ଶକ୍ତିପ୍ରସାଦ ଦାସ ଧାରା ବିବରଣୀ ଦେଇଥିଲେ। ମଙ୍ଗଳବାର ଏହି ଖେଳର ୩ୟ ଲିଗ ମ୍ୟାଚ୍‌ରେ ବୀର ବିର୍ସା ୟୁଥ୍ କ୍ଲବ୍, ଭୁବନେଶ୍ୱର ସହିତ କଟକର ଚାଉଳିଆଗଞ୍ଜ ଫୁଟ୍‌ବଲ ଟିମ୍‌ର ଭେଟ ହେବ।

## ଜାତୀୟ ଖାଉଟି ଦିବସରେ ମହିଳା ସଚେତନତା

**ନିଶ୍ଚିନ୍ତକୋଇଲି, ୨୫।୧୨(ସମିସ):** ଉକ୍ଷୀର ପଞ୍ଚାୟତ ଗୋପପୁର ଗ୍ରାମରେ ଥିବା ଭଗବତୀ ଆଞ୍ଚଳିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତୀୟ ଖାଉଟି ଦିବସରେ ଏକ ମହିଳା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହିଳା ମିଶନ ଶକ୍ତି ସ୍ୱୀକୃତିପ୍ରାପ୍ତ ମଞ୍ଚର ସିଆର୍‌ପି ଲକ୍ଷ୍ମୀପ୍ରିୟା ବସ୍ତିଆଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ସମିତିସଭ୍ୟ ପ୍ରଦୋଷ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଜନମଙ୍ଗଳ ସଭାପତି ପ୍ରମୋଦ କୁମାର ଦାଶ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତସ୍ତରୀୟ ମହାସଂଘର ସଭାନେତ୍ରୀ ଅମ୍ରିତା ସିଂ, ସମ୍ପାଦିକା ଅଞ୍ଜନା ଶତପଥୀ, ଏମ୍‌ବିକେ ଦେବରୂପା କର ପ୍ରମୁଖ ଯୋଗଦେଇ ପ୍ରତି ପରିବାରରେ ସରକାରଙ୍କ ପ୍ରବର୍ତ୍ତିତ ଖାଉଟି ଦ୍ରବ୍ୟରେ ଉପଭୋକ୍ତାମାନେ କିଭଳି ସକ୍ରିୟ ସମ୍ପୃକ୍ତୀକରଣ ହେବେ ସେ ସଂକ୍ରାନ୍ତରେ ବିଷଦ୍ ଭାବେ ଆଲୋଚନା କରିବା ସହିତ ମିଶନ ଶକ୍ତି ମହିଳା ପ୍ରତିନିଧିମାନେ ଏଥିରେ କିଭଳି ଆର୍ଥିକ ସ୍ୱାବଲମ୍ବନ ହୋଇପାରିବେ ସେ ସଂକ୍ରାନ୍ତରେ ସଚେତନ କରାଇଥିଲେ। ମଞ୍ଚର ସଭାନେତ୍ରୀ ନମିତା ରାଉଳ ଜାତୀୟ ଖାଉଟି ଦିବସର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ସସ୍ମିତା ପାତ୍ର, ରଞ୍ଜୁଲତା ସାହୁ, ଭାନୁମତୀ ଭୂୟାଁ, ହେମଲତା ସାହୁ, ସରସ୍ୱତୀ ସାହୁ, ମନୋରମା ସାହୁ, ନିବେଦିତା ନାୟକ, ସନ୍ଧ୍ୟାରାଣୀ ରାଉଳ, ଭାରତୀ ସାହୁ, ଜୟଶ୍ରୀ ରାଉଳ, ସଂଯୁକ୍ତା ସାହୁ, ମୀନତୀ ସାହୁଙ୍କ ସମେତ ବହୁ ମହିଳା ପ୍ରତିନିଧି ଯୋଗଦେଇଥିଲେ।

## ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ

**ଟାଙ୍ଗୀ, ୨୫।୧୨(ସମିସ):** ଯୀଶୁଖ୍ରୀଷ୍ଟଙ୍କ ଜୟନ୍ତୀ ତଥା ବଡ଼ଦିନ ଅବସରରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁରସ୍ଥିତ ଶ୍ରୀଶ୍ରୀ କନକେଶ୍ୱର ଜନକଲ୍ୟାଣ ସଂଘ ପକ୍ଷରୁ ଗରିବ ତଥା ନିଃସହାୟ ବୃଦ୍ଧବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ସଂଘ ସଭାପତି ପ୍ରମୋଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କନ୍ହେଇପୁର ଗ୍ରା.ପ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଶାରଦା ପ୍ରସନ୍ନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଶାଳଗାଁ ପ୍ରାତଃ ଭ୍ରମଣକାରୀ ସଂଘ କର୍ମକର୍ତ୍ତା ଧନଞ୍ଜୟ ଶତପଥୀ, ଜଗବନ୍ଧୁ ନାୟକ, ଅବସରପ୍ରାପ୍ତ ଶିକ୍ଷକ ନେତା ତଥା ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର ଯେଠୀ, ସାମାଜିକ କର୍ମୀ ହେମନ୍ତ ପ୍ରଧାନ, ସ୍ଥାନୀୟ ସିଆର୍‌ସିସି ଲବଙ୍ଗଲତା ନାୟକ ଓ ନାରୀନେତ୍ରୀ ମମତା ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍ଥାନୀୟ ଅଞ୍ଚଳର ମୋଟ ୭୭ ଜଣ ଗରିବ ଶ୍ରେଣୀର ଲୋକଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ସଂଘ କୋଷାଧ୍ୟକ୍ଷ ନିରଞ୍ଜନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଅଶୋକ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

**ଫୁଲନଖରା :** ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗପ୍ରଧାନ ଗ୍ରାମ ପଞ୍ଚାୟତରେ ଇଂ ମେମୋରିଆଲ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ମଠ ବଜାରସ୍ଥିତ ବାସନ୍ତୀ ମାର୍କେଟ କମ୍ପ୍ଲେକ୍ସରେ ଶତାଧିକ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ପାଲ୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପଦେଷ୍ଟା ରଞ୍ଜନ କୁମାର ଲେଙ୍କା, କିଶୋର ଚନ୍ଦ୍ର ପ୍ରଧାନ, ସୁବାସ ଚନ୍ଦ୍ର ସ୍ୱାଇଁ, କେଶବ ସ୍ୱାଇଁ, ବ୍ରହ୍ମାନନ୍ଦ ସେନାପତି, ଶିବ ପ୍ରସାଦ ମହାନ୍ତି, ଚିନ୍ମୟ ପାତ୍ର, ପ୍ରଫୁଲ୍ଲ ପ୍ରଧାନ, ମନୋରଞ୍ଜନ ଜେନା, ସତ୍ୟବ୍ରତ ଜେନା, ରତନ କୁମାର ମହାନ୍ତି, ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ରମେଶ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ।

## ଭଗତପୁରରେ ତୁଳସୀ ପୂଜନ ଓ ରୋପଣ କାର୍ଯ୍ୟକ୍ରମ



**ଟାଙ୍ଗୀ, ୨୫।୧୨(ସମିସ):** ସ୍ୱାଭିମାନ ସେବା ସଂଗଠନ ଆନୁକୂଲ୍ୟରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତ ଭଗତପୁର ଜଗନ୍ନାଥ ମନ୍ଦିର ପରିସରରେ ତୁଳସୀ ପୂଜନ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଗଠନ ପ୍ରତିଷ୍ଠାତା ଦୁଷ୍ମନ୍ତ କୁମାର ସାହୁ ପୌରୋହିତ୍ୟ କରିଥିବାବେଳେ ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ସଂଗଠକ ହିମାଂଶୁ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଶୁଭେନ୍ଦୁ ନାଥ ଷଡ଼ଙ୍ଗୀ, ମନ୍ଦିର ପରିଚାଳନା କମିଟି ସଭାପତି କ୍ଷୀରୋଦ ବେଜ ଓ ବିଭିନ୍ନ ଗଣମାଧ୍ୟମର ସାମ୍ବାଦିକ ପ୍ରମୁଖ ଯୋଗଦେଇ ତୁଳସୀ ବୃକ୍ଷର ଉପକାର ଉପରେ ଆଲୋକପାତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବାରେ ସହାୟକ ହେବ ବୋଲି ଆଲୋକପାତ କରିଥିଲେ। ଏହି ଅବସରରେ ଅତିଥି ଓ ଗ୍ରାମବାସୀଙ୍କ ସହଯୋଗରେ ସଂକୀର୍ତ୍ତନ ସହ ଶହେରୁ ଊର୍ଦ୍ଧ୍ୱ ତୁଳସୀ ବୃକ୍ଷ ପୂଜନ ସହ ରୋପଣ କରାଯାଇଥିଲା। ସଂଗଠନର କଟକ ଜିଲ୍ଲା ସଂଯୋଜକ ସତ୍ୟଜିତ୍ ଅଞ୍ଚଲ ଓ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ବରାଦୋ ବେଲେଶ୍ୱର ବଗୁଲା ବାବାଙ୍କ ଦେହାନ୍ତ

**ନିଶ୍ଚିନ୍ତକୋଇଲି, ୨୫।୧୨(ସମିସ):** ବରାଦୋ କମାରଛନ୍ଦା ସନ୍ନିକଟ ଶ୍ରୀଶ୍ରୀ ବେଲେଶ୍ୱର ମହାଦେବ ମନ୍ଦିରର ମୁଖ୍ୟ ତଥା ହଜାର ହଜାର ଭକ୍ତଙ୍କ ଭାବାବେଗ ସହ ଜଡ଼ିତ ବଗୁଲା ବାବା (ଧନେଶ୍ୱର ରାଉତ)ଙ୍କ ୭୩ବର୍ଷ ବୟସରେ ଦେହାନ୍ତ ହୋଇଛି। ଏହି ପୀଠରେ ନିଜ ପ୍ରଚେଷ୍ଟାରେ ପ୍ରତ୍ୟେକ ବର୍ଷ ଜାଗର ଯାତ୍ରା, ଯଜ୍ଞ, ଦୁର୍ଗାପୂଜା, ଅଷ୍ଟପ୍ରହର ନାମଯଜ୍ଞ, ଦୋଳବିମାନ ଯାତ୍ରା, ପ୍ରଥମାଷ୍ଟମୀ, ଇନ୍ଦ୍ର ପୂର୍ଣ୍ଣିମା ଭଳି ବାର ମାସର ତେର ପର୍ବକୁ ବହୁ ଆଡ଼ମ୍ବରରେ ପାଳନ କରି ହଜାର ହଜାର ଭକ୍ତଙ୍କ ମନସ୍କାମନା ପୂରଣ ନିମନ୍ତେ ଦେବଦେବୀଙ୍କର ପୂଜାର୍ଚ୍ଚନା କରୁଥିଲେ। ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏବଂ



ଭକ୍ତମାନଙ୍କ ସେବାରେ ନିଜକୁ ଉତ୍ସର୍ଗୀକୃତ କରିଥିବାରୁ ତାଙ୍କ ମୃତ୍ୟୁ ଖବର ପାଇ ହଜାର ହଜାର ଭକ୍ତ ଛୁଟି ଆସିଥିଲେ। ବାବାଙ୍କର ଜୟଗାନ କରି ଭକ୍ତମାନେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଳଦେବଜୀଉ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଧିରେନ୍ଦ୍ରନାଥ ବେହେରା, ସଭ୍ୟ ରାଜେନ୍ଦ୍ର ମୋହନ କର, ଚୌଧୁରୀ ଅଜୟ କୁମାର ନନ୍ଦ, ବିରଞ୍ଚି ନାରାୟଣ ମିଶ୍ର, ପୂର୍ବତନ ସରପଞ୍ଚ ନୃସିଂହ ବିଶ୍ୱାଳ, ସମିତିସଭ୍ୟ ଗଗନବିହାରୀ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ମର ଶରୀରକୁ ଗ୍ରାମ୍ୟ ଶ୍ମଶାନକୁ ନିଆଯାଇ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରାଯାଇଥିଲା। ପୁତ୍ର ବିନୟ ରାଉତ ମୁଖାଗ୍ନି ଦେଇଥିଲେ।

## ବାଗ୍ମୀ ବିଶ୍ୱନାଥ କରଙ୍କ ୧୫୯ତମ ଜୟନ୍ତୀ ସମାରୋହ

**ମାହାଙ୍ଗା, ୨୫।୧୨(ସମିସ):**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଗ୍ମୀ ବିଶ୍ୱନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୫୯ତମ ଜୟନ୍ତୀ ସମାରୋହ ବିଦ୍ୟାଳୟ ପରିସରରେ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥିଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ସାରସ୍ୱତ ସାଧକ, ସମାଜ ସଂସ୍କାରକ, ବାଗ୍ମୀ ବିଶ୍ୱନାଥ କରଙ୍କ ଆଦର୍ଶ ଜୀବନ ଓ ସମାଜ ପାଇଁ ଯେଉଁ ଉଲ୍ଲେଖନୀୟ କାର୍ଯ୍ୟ କରିଯାଇଛନ୍ତି ସେ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟ



ନାରାୟଣ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ସୁସ୍ମିତା ଦାସ, ଜିଲ୍ଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ସରପଞ୍ଚ ଅନ୍ନପୂର୍ଣ୍ଣା କର, ସମିତିସଭ୍ୟା ସଙ୍ଗୀତା ମହାନ୍ତି ପ୍ରମୁଖ ଯୋଗଦେଇ ବାଗ୍ମୀ କରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଭ୍ରମରବର ରାଉତରାୟ, ସମାଜସେବୀ ପଞ୍ଚାନନ ପଣ୍ଡା, ଉମେଶ ଚନ୍ଦ୍ର ସାହୁ, ବଟକୃଷ୍ଣ ଦାଶ, ଦୀପକ ଦାଶ, ଶ୍ରୀନିବାସ ରାଉତରାୟ, ସନ୍ତୋଷ ରାଉତରାୟଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବି ପ୍ରଶାନ୍ତ କୁମାର କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱଜିତ୍ ସେଠୀ ପ୍ରାରମ୍ଭିକ ସୂଚନା ଓ ବିବରଣୀ ପାଠ କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

ଏହି ଅବସରରେ ମାହାଙ୍ଗାର ବରିଷ୍ଠ ଲେଖକ ତଥା ଆଧ୍ୟାତ୍ମିକ ଚେତନାର ଅଧିକାରୀ ରାଧାକାନ୍ତ ବଳବନ୍ତରାୟଙ୍କ ସ୍ୱରଚିତ ପୁସ୍ତକ ରାମଲିଳା ଗୀତିନାଟ୍ୟାବଳୀ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପିଲାଦିନରୁ ରାଧାକାନ୍ତ ଗଣକବି ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟରେ ଅଭିନୟ କରି ଏମିତି ମଜିଯାଇଥିଲେ ଯେ, ଯାହାର ଫଳସ୍ୱରୂପ ବୟସର ମଧ୍ୟାହ୍ନରେ ଏହି ରାମଲିଳା ଗୀତିନାଟ୍ୟାବଳୀକୁ ରଚନା କରି ଏହାକୁ ପ୍ରକାଶନ କରିଛନ୍ତି। ଏହି ପୁସ୍ତକକୁ ତାଙ୍କ ସୁପୁତ୍ର ଉମାକାନ୍ତ ବଳବନ୍ତରାୟ ପ୍ରକାଶନ କରିଛନ୍ତି।

## ସାଇ ଷ୍ଟଡି ସେଣ୍ଟରରେ ବାର୍ଷିକ ପୁରସ୍କାର ବିତରଣ

**ନିଶ୍ଚିନ୍ତକୋଇଲି, ୨୫।୧୨(ସମିସ):** ବରାଦୋ ପଞ୍ଚାୟତ ପାଟପୁର-କେନ୍ଦୁପାଟଣା ଛକ ସ୍ଥିତ ଛତ୍ରକଣ୍ଟା ବଜାରରେ ଥିବା ସାଇ ଷ୍ଟଡି ସେଣ୍ଟରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୋଟ୍ ୨୫ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ୭୫ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଚାମ୍ପିଅନ ଭାବେ ବରିଷ୍ଠ ବିଭାଗରେ ଶୁଭଲକ୍ଷ୍ମୀ ନାୟକ ଓ କନିଷ୍ଠ ବିଭାଗରେ ଗାୟତ୍ରୀ ପାତ୍ରଙ୍କୁ ଶ୍ରେଷ୍ଠ ପୁରସ୍କାର ପ୍ରଦାନ କରାଯାଇଛି। ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଭରତ ଚନ୍ଦ୍ର ଲେଙ୍କାଙ୍କ ପୌରୋହିତ୍ୟରେ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ବରାଳ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତବିହାରୀ କର, ସମ୍ମାନିତ ଅତିଥି ଭାବେ ସମାଜସେବୀ



ଯଜ୍ଞେନ୍ଦ୍ରନାଥ ଜେନା, ଅଧ୍ୟାପକ ଅରୂପ କୁମାର ଲେଙ୍କା, ସାମ୍ବାଦିକ ସୁରେନ୍ଦ୍ରନାଥ ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାକେନ୍ଦ୍ରର ମୁଖ୍ୟ ପରିଚାଳକ ବିଚିତ୍ର କୁମାର ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ପ୍ରହରାଜଙ୍କ ସଂଯୋଜନାରେ ଜେଗଲିନ୍ ନାୟକ, ପ୍ରକାଶ ସାହୁ, ବିଜୟଲକ୍ଷ୍ମୀ ବେହେରା, କ୍ଷୀରୋଦ ଚନ୍ଦ୍ର ନନ୍ଦ, ସୁରେନ୍ଦ୍ର ବାହାଲିଆ, ଅଭିପ୍ସା ରାଉତ, ସୋନାଲି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ ● ପାଉଣ୍ଡ ୧୦୫.୮୬
- ୟୁରୋ ୯୧.୨୮ ● ୟେନ୍ ୦.୫୮

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୫୮,୩୫୦ (ନୂଆଦିଲ୍ଲୀ)
- ରୁପା : ୭୯,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୧,୧୦୬.୦୦
- ନିଫ୍ଟି ୨୧,୩୪୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



## ଟଙ୍କାରେ ପେମେଣ୍ଟ ନେବାକୁ ଯୋଗାଣକାରୀ ଅରାଜି

# ଭାରତୀୟ ମୁଦ୍ରାରେ ତେଲ କିଣା ଯୋଜନା ବିଫଳ

**ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି):**

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଏଭଳି ସ୍ଥଳେ ବିଶ୍ୱର ଅନ୍ୟତମ ବୃହତ୍ ତୈଳ ଉପଭୋକ୍ତା ଭାବେ ଭାରତକୁ ଡଲାରରେ ଅଶୋଧିତ ତେଲ କିଣା ବେଶ ମହଙ୍ଗା ପଡୁଛି। ଏଥିପାଇଁ କେନ୍ଦ୍ର ସରକାର ଚଳିତବର୍ଷ ଭାରତୀୟ ମୁଦ୍ରା ଟଙ୍କାରେ ବିଦେଶରୁ ତେଲ କିଣିବାକୁ ଯୋଜନା କରିଥିଲେ। ଏହି ଅନୁଯାୟୀ, ଆମଦାନୀକାରୀ ସରକାରଙ୍କୁ ଟଙ୍କାରେ ଅର୍ଥ ଦେୟ ବା ପେମେଣ୍ଟ କରିବେ। ହେଲେ ଭାରତର ଏହି ପଦକ୍ଷେପ ଏବେ ଫେଲ୍ ମାରିଛି। କେନ୍ଦ୍ର ତୈଳ ମନ୍ତ୍ରଣାଳୟ ପକ୍ଷରୁ ସଂସଦର ଏକ ସ୍ଥାୟୀ କମିଟିକୁ ପ୍ରଦାନ କରିଥିବା ରିପୋର୍ଟ ଅନୁଯାୟୀ, ତୈଳ ବାବଦ ଟଙ୍କାରେ ପେମେଣ୍ଟ ନେବାକୁ ରପ୍ତାନିକାରୀମାନେ ରାଜି ହେଉନାହାଁନ୍ତି। ଏହାର ମୁଖ୍ୟ କାରଣ ହେଉଛି ଆମେରିକୀୟ ଡଲାର ବଦଳରେ ଭାରତୀୟ ମୁଦ୍ରାରେ ପେମେଣ୍ଟ ରପ୍ତାନକାରୀଙ୍କୁ ଅଧିକ କାରବାର ଖର୍ଚ୍ଚ ପଡିବ, ଯାହାକୁ ନେଇ ଏବେ ଯୋଗାଣକାରୀମାନେ ଏବେ ଚିନ୍ତାରେ ପଡିଛନ୍ତି।

ଭାରତ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଶକ୍ତି ଉପଭୋକ୍ତା। ନିଜର ଅଧିକାଂଶ ଆବଶ୍ୟକତା ପୂରଣ ପାଇଁ ଭାରତ ଆମଦାନୀ ଉପରେ ନିର୍ଭରଶୀଳ। ମନ୍ତ୍ରଣାଳୟ କମିଟିକୁ ଦେଇଥିବା ଏହାର ରିପୋର୍ଟରେ କହିଛି ଯେ, ଭାରତ ଦୈନିକ ପ୍ରାୟ ୪୬ ଲକ୍ଷ ବ୍ୟାରେଲ ତୈଳ ଆମଦାନୀ କରିଥାଏ, ଯାହାକି ବିଶ୍ୱରେ ହେଉଥିବା ମୋଟ ତୈଳ କାରବାରର ପ୍ରାୟ ୧୦ ପ୍ରତିଶତ। ଅଶୋଧିତ ତୈଳ ଆମଦାନୀ କରିବା ପାଇଁ ଘରୋଇ ମୁଦ୍ରା ଟଙ୍କାରେ ପେମେଣ୍ଟ ଦେବା ଲାଗି ଭାରତର ପ୍ରୟାସ ଅଧିକ ସଫଳତା ହାସଲ କରିପାରୁନାହିଁ। ଏଥିରେ ବିଭିନ୍ନ କାରଣ ଦର୍ଶାଇ ଅଶୋଧିତ ତୈଳ ରପ୍ତାନିକାରୀମାନେ ଆମଦାନୀ ବଦଳରେ ଭାରତୀୟ ମୁଦ୍ରାରେ ପେମେଣ୍ଟ ନେବାକୁ ପ୍ରସ୍ତୁତ ନୁହଁନ୍ତି। ସଂସଦରେ ସରକାର ନିଜେ ଏହାକୁ ସ୍ୱୀକାର କରିଛନ୍ତି।

ରିପୋର୍ଟ ଅନୁଯାୟୀ, ସଂସଦର ଷ୍ଟାଣ୍ଡିଂ କମିଟିକୁ ତୈଳ ମନ୍ତ୍ରଣାଳୟ ଏହି ସୂଚନା ଦେଇଛି। ଏଥିରେ କୁହାଯାଇଛି ଯେ ରପ୍ତାନିକାରୀମାନେ ଭାରତୀୟ ଟଙ୍କାରେ ତୈଳ ଆମଦାନୀ ପାଇଁ ପେମେଣ୍ଟ ନେବାକୁ ଚାହୁଁନାହାଁନ୍ତି। ଏଥିରେ କୌତୂହଳର ବିଷୟ ହେଉଛି ଯେ, ୨୦୨୨-୨୩ ଆର୍ଥିକବର୍ଷରେ ସରକାରୀ ତୈଳ କମ୍ପାନୀଗୁଡିକ ଦ୍ୱାରା ଅଶୋଧିତ ତୈଳ ଆମଦାନୀ ପାଇଁ କୌଣସି ପେମେଣ୍ଟ ଟଙ୍କାରେ ହୋଇପାରିନାହିଁ। ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସ୍ଥାନୁଯାୟୀ, ସାରା ବିଶ୍ୱରେ ସମସ୍ତ ଅଶୋଧିତ ତୈଳର ଆମଦାନୀ ବାବଦ ପେମେଣ୍ଟ ଆମେରିକୀୟ ଡଲାରରେ ହୋଇଥାଏ। ତେବେ ଭାରତୀୟ ମୁଦ୍ରାକୁ ଏକ ଅନ୍ତର୍ଜାତୀୟ ମୁଦ୍ରାରେ ପରିଣତ କରାଇବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଆମଦାନୀକାରୀ ଏବଂ ରପ୍ତାନିକାରୀଙ୍କୁ ଜୁଲାଇ ୧୧ରେ ଭାରତୀୟ ମୁଦ୍ରା ଟଙ୍କାରେ କାରବାର କରିବାକୁ ଅନୁମତି ଦେଇଥିଲା। ଏହି ପଦକ୍ଷେପ ଅନୁଯାୟୀ, କେତେକ ମନୋନୀତ ଦେଶ ସହିତ ଅଣ-ତୈଳ ବାଣିଜ୍ୟ କ୍ଷେତ୍ରରେ କିଛି ସଫଳତା ମିଳିଛି, କିନ୍ତୁ ତୈଳ ରପ୍ତାନିକାରୀଙ୍କମାନେ ଟଙ୍କାଠାରୁ ଦୂରତା ବଜାୟ ରଖିଛନ୍ତି। ଅଶୋଧିତ ତୈଳ ଯୋଗାଣକାରୀ ଦେଶଗୁଡିକ ଟଙ୍କାରେ ଅଧିକ କାରବାର ଖର୍ଚ୍ଚ ଏବଂ ବିନିମୟ ମୂଲ୍ୟ ସମ୍ପର୍କିତ ବିପଦକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ମନ୍ତ୍ରଣାଳୟର ଏହି ଦୃଷ୍ଟିକୋଣ ଗତ ସପ୍ତାହରେ ସଂସଦରେ ଦାଖଲ ହୋଇଥିବା କମିଟି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହି ଅନୁଯାୟୀ, ଅଶୋଧିତ ତୈଳ ଯୋଗାଣକାରୀମାନେ ଅଧିକ କାରବାର ଖର୍ଚ୍ଚର ସମ୍ମୁଖୀନ ହେଉଛନ୍ତି ଏବଂ ସେହି ଅତିରିକ୍ତ କାରବାର ବାବଦ ଖର୍ଚ୍ଚକୁ ସେମାନେ ସରକାରୀ କମ୍ପାନୀ ଭାରତୀୟ ତୈଳ ନିଗମ (ଆଇଓସି) ଉପରେ ଲଦି ଦେଉଥିବା ଜଣାପଡିଛି। ମନ୍ତ୍ରଣାଳୟ କହିଛି, ଯୋଗାଣକାରୀମାନେ ଏ ବାବଦରେ ନିୟାମକ ନିର୍ଦ୍ଦେଶାବଳୀ ପାଳନ କଲେ ଅଶୋଧିତ ତୈଳ ପାଇଁ ପେମେଣ୍ଟ ଭାରତୀୟ ଟଙ୍କାରେ କରାଯାଇପାରିବ

ଭାରତ ଦୀର୍ଘ ଦିନ ହେବ ଆମେରିକୀୟ ଡଲାରରେ ଅଶୋଧିତ ତୈଳ ଆମଦାନୀ ପାଇଁ ପେମେଣ୍ଟ ପ୍ରଦାନ କରିଆସୁଛି। ଯେହେତୁ ଭାରତ ଏହାର ତୈଳ ଆବଶ୍ୟକତାର (ପ୍ରାୟ ୮୫ ପ୍ରତିଶତ) ଅନ୍ୟ ଦେଶରୁ ଆମଦାନୀ କରିଥାଏ। ତେଣୁ ଅଶୋଧିତ ତୈଳ ଆମଦାନୀ ବିଲ୍ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ବହୁତ ପ୍ରଭାବ ପକାଇଥାଏ। ଏହି କାରଣରୁ ଅଶୋଧିତ ତୈଳ ଆମଦାନୀ ବାବଦ ପେମେଣ୍ଟ ଭାରତ ଟଙ୍କାରେ ଦେୟ ଦେବାକୁ ଉଦ୍ୟମ କରୁଛି।

### ତୈଳ ମନ୍ତ୍ରଣାଳୟର ରିପୋର୍ଟ



- ଅଧିକ କାରବାର ଖର୍ଚ୍ଚକୁ ନେଇ ଚିନ୍ତାରେ ରପ୍ତାନିକାରୀ
- ୨୦୨୨-୨୩ରେ ଗୋଟିଏ ବି ପେମେଣ୍ଟ ଟଙ୍କାରେ ହୋଇନାହିଁ
- ଦେଶକୁ ଦୈନିକ ଆମଦାନୀ ହେଉଛି ୪୬ ଲକ୍ଷ ବ୍ୟାରେଲ

# ୨୦୨୪ରେ ମିଳିବ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା

## ତାପଜ ବିଦ୍ୟୁତ୍ ଉତ୍ପାଦନରେ ହେବ ୭.୨୮ ଲକ୍ଷ କୋଟି ନିବେଶ



**ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି):** ଦେଶରେ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଣ କରିବାକୁ କୋଇଲା ସାଙ୍ଗକୁ ଅକ୍ଷୟ ଶକ୍ତି ଉପରେ ଜୋର ଦେଉଛନ୍ତି କେନ୍ଦ୍ର ସରକାର। ଏହି ମହତକାଂକ୍ଷୀ ଯୋଜନାକୁ ସଫଳ କରିବା ପାଇଁ ଆସନ୍ତା କିଛି ବର୍ଷ ମଧ୍ୟରେ କେନ୍ଦ୍ର ଶକ୍ତି ମନ୍ତ୍ରଳାୟ ୯୧ ଜିଗାୱାଟର ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ୭.୨୮ ଲକ୍ଷ କୋଟି ଟଙ୍କାର ନିବେଶ କରିବାକୁ ଯାଉଛି।

କେନ୍ଦ୍ର ଶକ୍ତିମନ୍ତ୍ରୀ ଆର.କେ ସିଂହ କହିଛନ୍ତି ଯେ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ଗ୍ରାହକଙ୍କ ଅଧିକାର। ସେହିଭଳି ଶକ୍ତି ସୁରକ୍ଷା ମଧ ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ଋଷ ଯୋଗୁଁ ୟୁରୋପରେ କ'ଣ ଘଟିଛି ତାହା ସମସ୍ତେ ଦେଖିଛନ୍ତି। ବର୍ତ୍ତମାନ ଭାରତରେ ହାରାହାରି ବିଦ୍ୟୁତ୍ ଯୋଗାଣ ସହରାଞ୍ଚଳରେ ୨୩.୫୦ ଘଣ୍ଟା ଏବଂ ଗ୍ରାମାଞ୍ଚଳରେ ୨୨ ଘଣ୍ଟା ରହିଥିବା ସେ କହିଛନ୍ତି। ଅଧିକ ବ୍ୟୟବହୁଳ କାରଣରୁ କେବଳ ଅକ୍ଷୟ ଶକ୍ତିରୁ ୨୪ ଘଣ୍ଟିଆ ବିଦ୍ୟୁତ ଯୋଗାଇବା ସମ୍ଭବ ନୁହେଁ ବୋଲି ଶକ୍ତିମନ୍ତ୍ରୀ କହିଛନ୍ତି। ସେପ୍ଟେମ୍ବର ୨୦୨୩ରେ ଦେଶରେ ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ୨୪୩.୨୭ ଜିଗାୱାଟ୍, ଯାହାକି ସର୍ବୋଚ୍ଚ ସ୍ତରରେ ରହିଥିଲା। ତେବେ ୨୦୨୨ ନଭେମ୍ବରରେ ପ୍ରକାଶ ପାଇଥିବା ୨୦ ତମ ଇଲେକ୍ଟ୍ରିକ ପାୱାର ସର୍ଭେ (ଇପିଏସ୍) ରିପୋର୍ଟ ଅନୁଯାୟୀ ଭାରତରେ ସର୍ବାଧିକ ବିଦ୍ୟୁତ୍ ଚାହିଦା ୨୦୩୧-୩୨ରେ ୩୬୬.୩୯ ଜିଗାୱାଟ, ୨୦୩୬-୩୭ ରେ ୪୬୫.୫୩ ଜିଗାୱାଟ ଏବଂ ୨୦୪୧-୪୨ ରେ ୫୭୪.୬୮ ଜିଗାୱାଟ ରହିବ ବୋଲି ଆକଳନ କରାଯାଇଛି।

## ୩ ଭିଭୋ କର୍ମଚାରୀଙ୍କ ଗିରଫ ଘଟଣା

**ମନି ଲଣ୍ଡରିଂ ମାମଲା**

# ଅଭିଯୁକ୍ତଙ୍କୁ ସହଯୋଗ କରିବ ଚୀନ୍

**ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି):**

ମନି ଲଣ୍ଡରିଂ ମାମଲାରେ ଚୀନ କମ୍ପାନୀ ଭିଭୋର ୩ କର୍ମଚାରୀଙ୍କୁ ଗିରଫ କରିବା ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ରଖିଛି ଚୀନ। ଗିରଫ କର୍ମଚାରୀଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ଚୀନ କହିଛି। ମାମଲା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଗିରଫ କର୍ମଚାରୀଙ୍କୁ କନସୁଲାର ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସୋମବାର ଚୀନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ବୈଦେଶିକ ମନ୍ତ୍ରଣାଳୟ ପ୍ରବକ୍ତା ମାଓ ନିଙ୍ଗ କହିଛନ୍ତି ନିୟମ ଅନୁସାରେ, ଭାରତରେ ଥିବା ଚୀନ୍ ରାଷ୍ଟ୍ରଦୂତଙ୍କ ପକ୍ଷରୁ ଗିରଫମାନଙ୍କୁ କନସୁଲାର ସୁରକ୍ଷା ଓ ସହାୟତା ଯୋଗାଇ ଦିଆଯିବ। ଭାରତ ଚାଇନା କମ୍ପାନୀଗୁଡ଼ିକ ପ୍ରତି ଭେଦଭାବ ନୀତି ଆପଣାଇବ ନାହିଁ ବୋଲି ଚୀନ ଆଶା କରୁଥିବା ପ୍ରବକ୍ତା ଜଣକ କହିଛନ୍ତି। ମନିଲଣ୍ଡରିଂ ମାମଲାରେ ଇଡି ବର୍ତ୍ତମାନ ପର୍ଯ୍ୟନ୍ତ ଭିଭୋ ଇଣ୍ଡିଆର ଅନ୍ତରୀଣ ସିଇଓ ସେକୁଆ ଓରଫ ଟେରୀ, ଚିଫ୍ ଫାଇନାନ୍ସିଆଲ୍ ଅଫିସର ହରିନ୍ଦର ଦହିଆ, କନସଲଟାଣ୍ଟ ହେମନ୍ତ ମୁଞ୍ଜାଲ, ଲାଭା ଇଣ୍ଟରନ୍ୟାସନାଲ୍ ହରି ଓମ ରାୟ, ଚୀନ ନାଗରିକ ଗୁଆଙ୍ଗୱେନ୍ କୁଆଙ୍ଗ ଓରଫ ଆଣ୍ଡ୍ରିୟୁ କୁଆଙ୍ଗ,ଚାଟାର୍ଡ ଆକାଉଣ୍ଟ ନୀତୀନ ଗର୍ଗ ଓ ରାଜନ ଗିରଫ କରିଛି। ଚଳିତ ମାସ ଆରମ୍ଭରୁ, ଇଡି ଭିଭୋ ବିରୋଧରେ ଏକ ଚାର୍ଜସିଟ ଦାଖଲ କରିଥିଲା। ଏଥିରେ କୁହାଯାଇଥିଲା ଯେ ୨୦୧୪ ରୁ ୨୦୨୧ ମଧ୍ୟରେ ବିଦେଶରେ ୧ ଲକ୍ଷ କୋଟି ଟଙ୍କା ପଠାଇବାକୁ କମ୍ପାନୀ ସେଲ୍ କମ୍ପାନୀର ସହଯୋଗ ନେଇଛି। ଏଥିରେ ତାଙ୍କୁ ହରି ଓମ ରାୟ ସହଯୋଗ କରିଛନ୍ତି। ଚୀନ ନାଗରିକ ଗୁଆଙ୍ଗୱେନ କ୍ୟାଙ୍ଗ୍ ଓରଫ ଆଣ୍ଡ୍ରିୟୁ କୁଆଙ୍ଗ ଏହି ମନିଲଣ୍ଡରିଂ ମାମଲାରେ ମୁଖ୍ୟ ଭୂମିକ ନିର୍ବାହ କରିଥିବା ଇଡି ଚାର୍ଜଶିଟ୍‌ରେ କହିଥିଲା।



# ଭାରତ ଉପରେ ବଢୁଛି ବିଦେଶୀ ନିବେଶକଙ୍କ ଭରସା

**ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି):** ବର୍ତ୍ତମାନ ଭାରତୀୟ ବଜାର ଉପରେ ବିଦେଶୀ ନିବେଶକଙ୍କ ଭରସା ବଢୁଥିବା ଜଣାପଡିଛି। ବାସ୍ତବରେ, ନିର୍ବାଚନରେ ସଂଖ୍ୟାଗରିଷ୍ଠ ସରକାର ତଥା ରାଜନୈତିକ ସ୍ଥିରତାର ସମ୍ଭାବନାକୁ ବିଚାରକୁ ନେଇ ଚଳିତ ମାସ ପର୍ଯ୍ୟନ୍ତ ଭାରତୀୟ ଷ୍ଟକ୍ ବଜାରରେ ୫୭,୩୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗ କରାଯାଇଛି। ଭାରତୀୟ ଅର୍ଥନୀତିର ପ୍ରମୁଖ ସୂଚକାଙ୍କ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଦୃଢ଼ତା ପ୍ରଦର୍ଶନ କରୁଥିବା ତଥ୍ୟ ହେତୁ ଭାରତ ଉପରେ ବିଦେଶୀ ନିବେଶକଙ୍କ ଆତ୍ମବିଶ୍ୱାସ ମଧ ବଢୁଛି। ଯଦି ଆମେ ଚଳିତବର୍ଷର ତଥ୍ୟ ବିଷୟରେ ଆଲୋଚନା କରିବା, ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶକୁ ୧.୬୨ ଲକ୍ଷ କୋଟି ଟଙ୍କାର ବିପୁଳ ପରିମାଣର ନିବେଶ ଆସିଛି। ବିଦେଶୀ ପୁଞ୍ଜି ନିବେଶ ଆକାରରେ ଭାରତୀୟ ବଜାର ବହୁ ପୁଞ୍ଜି ବିନିଯୋଗ ହୋଇଛି | ଜିଓଜିତ୍ ଆର୍ଥିକ ସେବା ମୁଖ୍ୟ ପୁଞ୍ଜି ବିନିଯୋଗ ରଣନୀତିଜ୍ଞ ଭି.କେ ବିଜୟକୁମାରଙ୍କ ଅନୁଯାୟୀ, ନୂତନ ବର୍ଷରେ ଆମେରିକାରେ ସୁଧ ହାର ହ୍ରାସ ପାଇବ ଏବଂ ଏଭଳି ପରିସ୍ଥିତିରେ, ଏଫ୍‌ପିଆଇ ୨୦୨୪ ମସିହାରେ ଭାରତୀୟ ବଜାରରେ କ୍ରୟ ବୃଦ୍ଧି କରିପାରନ୍ତି।




- ହୋଇଛି ୧.୬୨ ଲକ୍ଷ କୋଟି ଟଙ୍କାର ନିବେଶ
- ୨୦୨୪ରେ ବହୁମତ ଥିବା ସରକାର ଆସିବା ଆଶା

ତଥ୍ୟ ଅନୁଯାୟୀ, ଏଫ୍‌ପିଆଇ ଚଳିତ ମାସ ସୁଦ୍ଧା ଭାରତୀୟ ଇକ୍ୱିଟି ବଜାରରେ ୫୭୩୧୩ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଗୋଟିଏ ବର୍ଷରେ ଏହା ହେଉଛି ଏଫ୍‌ପିଆଇଙ୍କ ଦ୍ୱାରା ଭାରତୀୟ ବଜାରରେ ସର୍ବାଧିକ ବିନିଯୋଗ। ଏହାପୂର୍ବରୁ, ଏଫ୍‌ପିଆଇମାନେ ଅକ୍ଟୋବରରେ ବଜାରରେ ୯ ହଜାର କୋଟି ଟଙ୍କା ବିନିଯୋଗ କରିଥିଲେ। ତଥାପି ଜମାକାରୀ ତଥ୍ୟରୁ ଜଣାପଡିଛି ଯେ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ବିଦେଶୀ ନିବେଶକମାନେ ୩୯,୩୦୦ କୋଟି ଟଙ୍କା ଆୟ କରିଥିଲେ।

ଭାରତୀୟ ବଜାରରେ ଏଫ୍‌ପିଆଇର ଉତ୍ତମ ପ୍ରବାହକୁ ଅନେକ କାରଣ ଦର୍ଶାଯାଇପାରେ। ମର୍ନିଙ୍ଗଷ୍ଟାର ଇନଭେଷ୍ଟମେଣ୍ଟ ରିସର୍ଚ୍ଚ ଇଣ୍ଡିଆର ସହ-ନିର୍ଦ୍ଦେଶକ ତଥା ଅନୁସନ୍ଧାନ ପରିଚାଳକ ହିମାଂଶୁ ଶ୍ରୀବାସ୍ତବଙ୍କ ଅନୁଯାୟୀ, ଭାରତୀୟ ବଜାରରେ ପ୍ରଚଳିତ ରାଜନ ତିକ ସ୍ଥିରତା ଏବଂ ସକରାତ୍ମକ ଭାବନା ପରିବେଶ ଏଥିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଦେଶର ସ୍ଥିର ତଥା ଦୃଢ଼ ଅର୍ଥନୀତି, କର୍ପୋରେଟ୍ ରୋଜଗାରରେ ପ୍ରଭାବଶାଳୀ ଅଭିବୃଦ୍ଧି ଏବଂ ଅନେକ କମ୍ପାନୀର ବାରମ୍ବାର ପ୍ରାରମ୍ଭିକ ସର୍ବସାଧାରଣ ଅଫର୍ (ଆଇପିଓ) ବିଦେଶୀ ପୁଞ୍ଜି ନିବେଶକାରୀଙ୍କୁ ଭାରତରେ ପୁଞ୍ଜି ବିନିଯୋଗର ସୁଯୋଗ ଖୋଜିବାକୁ ଆକର୍ଷିତ କରିଛି। ଯଦି ଆମେ ବଣ୍ଡ ବିଷୟରେ ଆଲୋଚନା କରିବା ତେବେ ଏହି ସମୟ ମଧ୍ୟରେ ଭାରତୀୟ ଋଣ ବଜାରରେ ୧୫,୫୪୫ କୋଟି ଟଙ୍କା ଟଙ୍କା ବିନିଯୋଗ କରାଯାଇଥିଲା। ଏହାପୂର୍ବରୁ ନଭେମ୍ବରରେ ୧୪,୮୬୦ କୋଟି ଏବଂ ଅକ୍ଟୋବରରେ ୬୩୮୧ କୋଟି ଟଙ୍କା ବିନିଯୋଗ କରାଯାଇଥିଲା। ଏଫ୍‌ପିଆଇମାନେ ଆର୍ଥିକ ସେବା କ୍ଷେତ୍ରରେ ସର୍ବାଧିକ ପୁଞ୍ଜି ବିନିଯୋଗ କରିଥିବାବେଳେ ଯାନବାହନ, ପୁଞ୍ଜି ସାମଗ୍ରୀ ଏବଂ ଟେଲିକମ୍ ଭଳି କ୍ଷେତ୍ର ପ୍ରତି ମଧ ଆଗ୍ରହ ଦେଖାଇଥିବା ଜଣାପଡିଛି।

# ଖର୍ଚ୍ଚକାଟ୍ ଆଳରେ ଛଟେଇ ଜାରି

## ଶତାଧିକ କର୍ମଚାରୀଙ୍କ ଚାକିରି ନେବ ନାଇକ୍



**ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି):** କେନ୍ଦ୍ର ସରକାର ଦେଶରେ ଲୋକଙ୍କୁ ବ୍ୟାପକ ମାତ୍ରାରେ ନିଯୁକ୍ତି ଦେଉଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ହେଲେ ଅସଲ ଚିତ୍ର ଓଲଟା। ଦେଶରେ ବର୍ତ୍ତମାନ ବିଦେଶୀ କମ୍ପାନୀଗୁଡିକ ଦ୍ୱାରା ଛଟେଇ ଜାରି ରହିଛି। ଅପରପକ୍ଷେ ଖର୍ଚ୍ଚ କାଟ୍ ଆଳ ଦେଖାଇ ଘରୋଇ କମ୍ପାନୀଗୁଡ଼ିକ ଛଟେଇ ଜାରି ରଖିଛନ୍ତି। ନିକଟରେ ପେଟିଏମ୍ ଏହାର ୧୦ ପ୍ରତିଶତ କର୍ମଚାରୀଙ୍କୁ ଛଟେଇ କରିଥିବାବେଳେ ଏବେ ସ୍ପୋର୍ଟ୍ସ ବ୍ରାଣ୍ଡ ନାଇକ୍ ମଧ ଛଟେଇ ନେଇ ଘୋଷଣା କରିଛି।

ନୂଆ ବର୍ଷ ଆରମ୍ଭ ହେବା ପୂର୍ବରୁ କମ୍ପାନୀଗୁଡିକ ଦ୍ୱାରା ଶତାଧିକ କର୍ମଚାରୀ ଛଟେଇ କରିବା ନେଇ ଘୋଷଣା କରିଛନ୍ତି। ୨ ବିଲିଅନ ଡଲାର ଅର୍ଥ ବ୍ୟୟ କରି କିଛି ସେବାକୁ ସ୍ୱୟଂଚାଳିତ କରିବ ବୋଲି କମ୍ପାନୀ କହିଛି। ଏ ନେଇ ଆମେରିକୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଗତ ବର୍ଷ କମ୍ପାନୀର ବିକ୍ରି ଖରାପ ରହିଥିବାରୁ କର୍ମଚାରୀ ଛଟେଇ କରିବ ବୋଲି ନାଇକ୍ କହିଛି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ରେ ନାଇକ୍‌ର ଭଲ ବ୍ୟବସାୟ ହୋଇନାହିଁ। ଗତ ୩ ମାସରେ କମ୍ପାନୀର ବିକ୍ରିରେ ମାତ୍ର ୧ ପ୍ରତିଶତ ବୃଦ୍ଧି ଘଟିଛି। ଏଥିରେ କମ୍ପାନୀର ଲାଭ ହାର ବଢ଼ିଛି। ହେଲେ ଷ୍ଟକ ମାର୍କେଟ୍‌ରେ କମ୍ପାନୀ ଶେୟାର ମୂଲ୍ୟ ୧୦ ପ୍ରତିଶତ ହ୍ରାସ ପାଇଛି। ସୂଚନା ଥାଉକି ୨୦୨୨ରେ କମ୍ପାନୀ ୭୦୦ କର୍ମଚାରୀଙ୍କୁ ଛଟେଇ କରିଥିଲା। ବର୍ତ୍ତମାନ କମ୍ପାନୀରେ ଦ୍ୱିତୀୟ ବଡ଼ ଧରଣର ଛଟେଇ ହେବ ବୋଲି କୁହାଯାଉଛି। ଅନ୍ୟପଟେ ଭାରତୀୟ କମ୍ପାନୀଗୁଡ଼ିକରେ ୫୮ ପ୍ରତିଶତ ଛଟେଇ ହୋଇଛି। ଗତବର୍ଷ ଅପେକ୍ଷା ଏଥର ଅଧିକ ଛଟେଇ ହୋଇଛି। ୨୦୨୩ରେ ଦେଶର ୧,୧୭୫ କମ୍ପାନୀ ମୋଟ ୨,୬୦,୫୦୯ କର୍ମଚାରୀଙ୍କୁ ଛଟେଇ କରିଥିଲେ।

# ମିଶିବେ ରିଲାଏନ୍ସ ଓ ଡିଜ୍‌ନୀ

## ପ୍ରତିଷ୍ଠା ହେବ ବୃହତ୍ ମନୋରଞ୍ଜନଧର୍ମୀ ବ୍ୟବସାୟ

**ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି):** ଆମେରିକୀୟ ମନୋରଞ୍ଜନ ଧର୍ମୀ କମ୍ପାନୀ ୱାଲ୍ଟ ଡିଜ୍‌ନୀ ଓ ଭାରତୀୟ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମଧ୍ୟରେ ବଡ଼ ଚୁକ୍ତି ହୋଇଛି। ଦୁଇ କମ୍ପାନୀ ଭାରତରେ ଚାଲୁଥିବା ସେମାନଙ୍କର ସମସ୍ତ ବ୍ୟବସାୟର ମିଶ୍ରଣ ଘଟାଇବାକୁ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି। ଚୁକ୍ତି ଅନୁସାରେ, ଶେୟାର ଓ କ୍ୟାସ୍‌ରେ ରିଲାଏନ୍ସ ପାଖରେ ୫୧ ପ୍ରତିଶତ ଅଂଶଧନ ରହିବ ଓ ଡିଜ୍‌ନୀ ପାଖରେ ବାକି ୪୯ ପ୍ରତିଶତ ଅଂଶଧନ ରହିବ।




ଏକ ରିପୋର୍ଟ ଅନୁଯାୟୀ, ଦୁଇ କମ୍ପାନୀ ମଧ୍ୟରେ ନନ୍ ବାଇଣ୍ଡିଂ ଟର୍ମଶିଟ୍ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହା ଭାରତର ସବୁଠାରୁ ବଡ଼ ମିଡିଆ ଏବଂ ମନୋରଞ୍ଜନ ବ୍ୟବସାୟରେ ପରିଣତ ହେବ। ଏହି କାରବାର ଆସନ୍ତା ଫେବୃଆରୀ ସୁଦ୍ଧା ଶେଷ ହେବ। ରିଲାଏନ୍ସର ଚୁକ୍ତି ସମ୍ପର୍କିତ ସମସ୍ତ ଅନୁମୋଦନ ଜାନୁଆରୀ ଶେଷ ସୁଦ୍ଧା ଶେଷ ହେବ। ଏହି ମିଳିତ ବ୍ୟବସାୟ ରିଲାଏନ୍ସର ମନୋରଞ୍ଜନ ବ୍ୟବସାୟକୁ ବଳ ଦେବ। ରିଲାଏନ୍ସ ଓ ଡିଜ୍‌ନୀ ମଧ୍ୟରେ ଚୁକ୍ତି ଭାରତରେ ଏକ ବଡ଼ ମନୋରଞ୍ଜନ ପ୍ରତିଷ୍ଠାନ ଛିଡ଼ା କରିବ, ଯାହା ପ୍ରତିଷ୍ଠିତ ଟିଭି ମିଡିଆ ଜି ଏଣ୍ଟରଟେନ୍‌ମେଣ୍ଟ ଓ ସୋନୀ ସହ ଷ୍ଟ୍ରିମିଂ ସର୍ଭିସ୍ ନେଟ୍‌ଫ୍ଲିକ୍ସ ଓ ଆମାଜନ ପ୍ରାଇମ୍‌କୁ କଡ଼ା ଟକ୍କର ଦେବ। ବାସ୍ତବରେ ରିଲାଏନ୍ସ ମନୋରଞ୍ଜନ ବ୍ୟବସାୟରେ ଡିଜ୍‌ନୀ ହଟ୍‌ଷ୍ଟାରକୁ କଡ଼ା ଟକ୍କର ଦେଉଛି। ଡିଜ୍‌ନୀ ଭଳି ରିଲାଏନ୍ସ ମାଗଣାରେ ଆଇପିଏଲ୍ ଦେଖାଇ ନିଜର ଗ୍ରାହକ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ାଇଛି। ରିଲାଏନ୍ସ ଏକାଧିକ ଟିଭି ଚ୍ୟାନେଲ୍ ଓ ଜିଓ ସିନେମା ଭଳି ଷ୍ଟ୍ରିମିଂ ଆପ୍ ଚଳାଉଛି। ଭାୟାକମ୍ ୧୮ ମିଡିଆ ୟୁନିଟ୍ ମାଧ୍ୟମରେ ଏସବୁ ଚଳାଉଛି ଜିଓ। ଏବେ ଦୁଇ କମ୍ପାନୀ ମିଶି ଏହି ବ୍ୟବସାୟରେ ୧ କିମ୍ବା ୧.୫ ବିଲିଅନ ଡଲାର ଅର୍ଥ ନିବେଶ କରିବାକୁ ଚାହୁଁଛନ୍ତି। ରିପୋର୍ଟ ଅନୁସାରେ ମିଳିତ କମ୍ପାନୀର ବୋର୍ଡରେ ଉଭୟ ପକ୍ଷରୁ ସମାନ ନିର୍ଦ୍ଦେଶକ ରହିବେ ଏବଂ ଦୁଇଜଣ ସ୍ୱାଧୀନ ନିର୍ଦ୍ଦେଶକ ରହିବେ ବୋଲି ଜଣାପଡ଼ିଛି।

## ଇଣ୍ଡିଆବଣ୍ଡସ୍ ଡଟ୍ କମ୍ ରିପୋର୍ଟ

# ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକ ଋଣ ୨୦୫ ଲକ୍ଷ କୋଟି ଛୁଇଁଲା

**ନୂଆଦିଲ୍ଲୀ,୨୫ା୧୨(ଏଜେନ୍ସି):**

ଚଳିତ ଆର୍ଥିକବର୍ଷର ଜୁଲାଇ-ସେପ୍ଟେମ୍ବର ତ୍ର ମାସରେ ଦେଶର ମୋଟ ଋଣ ପରିମାଣ ୨.୪୭ ଟ୍ରିଲିୟନ ଡଲାର(୨୦୫ ଲକ୍ଷ କୋଟି)କୁ ବୃଦ୍ଧି ପାଇଛି। ଇଣ୍ଡିଆବଣ୍ଡସ୍ ଡଟ୍ କମ୍ ପକ୍ଷରୁ ଏକ ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଗତ ଆର୍ଥିକବର୍ଷର ଜାନୁଆରୀ-ମାର୍ଚ୍ଚ ତ୍ରୈମାସିକରେ ଦେଶର ମୋଟ ଋଣ ୨.୩୪ ଟ୍ରିଲିୟନ ଡଲାର (୨୦୦ ଲକ୍ଷ କୋଟି ଟଙ୍କା) ରହିଥିଲା।




ଇଣ୍ଡିଆବଣ୍ଡସ୍ ଡଟ୍ କମ୍‌ର ସହ-ପ୍ରତିଷ୍ଠାତା ବିଶାଲ ଗୋଏଙ୍କା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ତଥ୍ୟକୁ ଦର୍ଶାଇ କହିଛନ୍ତି ଯେ ସେପ୍ଟେମ୍ବର ତ୍ରୈମାସିକରେ କେନ୍ଦ୍ର ସରକାରଙ୍କ ଋଣ ପରିମାର ୧.୩୪ ଟ୍ରିଲିୟନ୍ ଡଲାର((୧୬୧.୧ ଲକ୍ଷ କୋଟି ଟଙ୍କା )ରେ ପହଞ୍ଚିଛି, ଯାହାକି ମାର୍ଚ୍ଚ ତ୍ରୈମାସିକରେ ୧.୦୬ ଟ୍ରିଲିୟନ୍ ଡଲାର (୧୫୦.୦୪ ଲକ୍ଷ କୋଟି ଟଙ୍କା) ରହିଥିଲା। । ଆରବିଆଇ, କ୍ଲିୟରାନ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ସିସିଆଇ) ଏବଂ ସିକ୍ୟୁରିଟି ଆଣ୍ଡ ଏକ୍ସଚେଞ୍ଜ୍ ବୋର୍ଡ ଅଫ୍ ଇଣ୍ଡିଆ (ସେବି) ରୁ ସଂଗୃହୀତ ତଥ୍ୟରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ ଦେଶ ଉପରେ ରହିଥିବ ମୋଟ ଋଣର ସର୍ବାଧିକ ଭାଗ ୧.୩୪ ଟ୍ରିଲିୟନ୍ ଡଲାର((୧୬୧.୧ ଲକ୍ଷ କୋଟି ଟଙ୍କା )ଅର୍ଥାତ୍ ୪୬.୦୬ ପ୍ରତିଶତ କେନ୍ଦ୍ର ସରକାରଙ୍କ ଉପରେ ରହିଛି। ଏଥରୁ ରାଜ୍ୟ ସରକାରଙ୍କ ଋଣର ଅଂଶ ୨୪.୪ ପ୍ରତିଶତ ଅର୍ଥାତ୍ ୬୦୪ ବିଲିୟନ୍ ଡଲାର (୯.୨୫ ଲକ୍ଷ କୋଟି ଟଙ୍କା) ହେବ, ଯାହା ମୋଟ ଋଣର ୪.୫୧ ପ୍ରତିଶତ। ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ମୋଟ ଋଣରେ କର୍ପୋରେଟ୍ ବଣ୍ଡର ଅଂଶ ୨୧.୫୨ ପ୍ରତିଶତ ରହିଥିଲା, ଯାହା ୪୩୧ ବିଲିୟନ ଡ଼ଲାର୍ (୪୪.୧୬ ଲକ୍ଷ କୋଟି ଟଙ୍କା) ହେବ ବୋଲି ରିପୋର୍ଟରେ ଆକଳନ କରାଯାଇଛି।

